Vol.-I, Issue No. -2
16-30 March, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ
## The Odisha Sanket


ଶ୍ରଦ୍ଧାଙ୍କ ଅପ୍‌କମିଂ ଫିଲ୍ମ

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା

R.N.I. Title Code- ODIODI08118

## ଓଲଟା ଚଷମା

# ରାଷ୍ଟ୍ର କୃପାଳୁ ମହାରାଜ

ଭୁବନେଶ୍ୱର: ସଦ୍ୟ ସମାପ୍ତ ପାଞ୍ଚୋଟି ବିଧାନସଭା ନିର୍ବାଚନରେ ୪ଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ବିଜେପି ସରକାର ଗଠନ କରିବାକୁ ଜନମତ ପାଇଥିବା ବେଳେ ପଞ୍ଜାବରେ ପ୍ରାନ୍ତୀୟ ଦଳ 'ଆପ୍' ରାଜ୍ୟରେ ସରକାର ଗଠନ କରିବାକୁ ଜନାଦେଶ ପାଇଛି। ଏହି ନିର୍ବାଚନ ସମୟରେ ଯେଉଁ ଗୋଟିଏ ଶବ୍ଦର ପ୍ରବଳ ବ୍ୟବହାର ହୋଇଛି ସେହି ଶବ୍ଦ ହେଲା 'ଲାଭାର୍ଥୀ'। 'ଲାଭାର୍ଥୀ' ଅର୍ଥ ଯେଉଁମାନେ ସରକାରୀ ଜନମଙ୍ଗଳ କାର୍ଯ୍ୟକ୍ରମ ତଥା ସାମାଜିକ ସୁରକ୍ଷା ଯୋଜନା ବା ବିଭିନ୍ନ ଟିକସ ଛାଡ଼ ଯୋଜନାରୁ ଉପକାର ପାଇଛନ୍ତି। ଯଥା- ମାଗଣା ବା ରିହାତି ଖାଦ୍ୟ ଯୋଜନା, ମାଗଣା ଆବାସ ଯୋଜନା, ବିଭିନ୍ନ ଭତ୍ତା, ମାଗଣା ସ୍ୱାସ୍ଥ୍ୟ ସେବା ଏବଂ ସ୍ୱାସ୍ଥ୍ୟ ବୀମା ଯୋଜନା, ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ଓ ଲାପଟାପ ବଣ୍ଟନ, କୃଷକଙ୍କୁ ଆର୍ଥିକ ଅନୁଦାନ, ମାତୃମଙ୍ଗଳ ଆର୍ଥିକ ସହାୟତା, ମାଗଣା ଗ୍ୟାସ ସିଲିଣ୍ଡର ପ୍ରଦାନ ଇତ୍ୟାଦି। ଏଠାରେ ସ୍ମରଣଯୋଗ୍ୟ ଯେ ଆଜିକାଲିର ଜାତୀୟ ଏବଂ ପ୍ରାନ୍ତୀୟ ଦଳର ସରକାରମାନେ ବିଭିନ୍ନ 'ଛାଡ଼' ଯୋଜନା ବା 'ରିହାତି' ଯୋଜନାରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କୁ ସହାୟତା ପ୍ରଦାନ କରୁଥିବା ଦେଖାଯାଉଛି। ଯେଉଁ ଦଳମାନେ ସରକାରରେ ନାହାନ୍ତି ସେମାନେ ସରକାରକୁ ଆସିଲେ ଲୋକଙ୍କୁ ଏହିପରି ମାଗଣା ବା ରିହାତି ଯୋଜନା ଦେବେ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଉଛନ୍ତି। ତେଣୁ ମୋଟାମୋଟି ଭାବେ ରାଷ୍ଟ୍ରକୃପା ଉପରେ ଗରିବ ଓ ନିମ୍ନ ମଧ୍ୟବିତ୍ତମାନଙ୍କୁ ଆର୍ଥିକ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ ନକରି ଅଧିକରୁ ଅଧିକ ସରକାରଙ୍କ ଉପରେ ନିର୍ଭର କରାଇ ଦଳମାନେ ଭୋଟ୍ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଏହି ହିତାଧିକାରୀ ଗୋଷ୍ଠୀମାନଙ୍କୁ 'ଲାଭାର୍ଥୀ' କୁହାଯାଉଛି। ତେବେ ଏମାନେ ଲାଭାର୍ଥୀ କିପରି ହେଲେ ?

ସାଧାରଣତଃ ଗତ କିଛି ଦଶନ୍ଧି ହେଲା ଗରିବ ଏବଂ ଧନୀମାନଙ୍କ ମଧ୍ୟରେ ଦେଶରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସରକାର ସମୟରେ କିଛି ମୁଷ୍ଟିମେୟ ଧନୀଲୋକ ରାଜନୈତିକ ଦଳମାନଙ୍କୁ ହାତକରି ବ୍ୟବସାୟରେ ବିଭିନ୍ନ ସରକାରୀ ସୁବିଧା, ଟିକସ ରିହାତି ଓ ସରକାରୀ ବ୍ୟାଙ୍କରୁ ଠକାମୀ କରି ଋଣ ହାସଲ କରି ଅଧିକରୁ ଅଧିକ ଧନୀ ହୋଇଚାଲିଛନ୍ତି। ଅପରପକ୍ଷରେ ଆର୍ଥିକ ବ୍ୟବସ୍ଥାର ସଂସ୍କାର ନହେବା ଯୋଗୁ ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ବେକାରୀ ବୃଦ୍ଧି ହେଉଛି। ଗରିବୀ ବୃଦ୍ଧି ପାଉଛି। ଦେଶର ଆର୍ଥିକ ମାନଦଣ୍ଡ ଭୁଶୁଡ଼ିଛି ଏବଂ ସରକାରୀ ଋଣ ବୃଦ୍ଧି ପାଇଚାଲିଛି। ଏପରିକି କରୋନା ସମୟରେ ଗରିବ, ମଧ୍ୟବିତ୍ତ ଓ କୃଷକ ଆର୍ଥିକ ଅନାଟନ ଭିତରକୁ ଠେଲି ହୋଇଯିବା ସମୟରେ ଦେଶର କର୍ପୋରେଟମାନଙ୍କ ସମ୍ପତ୍ତି ବୃଦ୍ଧି ହୋଇଛି । ଏହା ସହିତ ସରକାରୀ କର୍ମଚାରୀ, ଲୋକପ୍ରତିନିଧିମାନଙ୍କର ଦରମା ବି କମିନାହିଁ । ଏହି ବର୍ଗର ଲୋକେ 'ଲାଭାର୍ଥୀ' ନା ଗରିବ ଲୋକେ 'ଲାଭାର୍ଥୀ' ?

କଥାରେ ଅଛି ଜଣେ ଗରିବ ଲୋକଙ୍କୁ ପ୍ରକୃତ ସାହାଯ୍ୟ କରିବାକୁ ଚାହିଁଲେ ତାକୁ ମାଛ ନଦେଇ ବନିଶି ଖାଡ଼ି ଦିଅ। ଆମ୍ବ ନଦେଇ ଫଳନ୍ତି ଆମ୍ବଗଛ ଦିଅ, ଧାନ କିଲେ ନଦେଇ ଜମି ଏକରେ ଦିଅ। ଫଳରେ ତାହାର ଆର୍ଥିକ ସମସ୍ୟା ସ୍ଥାୟୀ ସମାଧାନ ହୋଇପାରିବ। ଯଦି ଏସବୁ ଦିଆଯାଉଥାନ୍ତା ତେବେ ଗରିବ ଲୋକଙ୍କୁ 'ଲାଭାର୍ଥୀ' କୁହାଯାଇପାରନ୍ତା। କିନ୍ତୁ ତା'ର ଟିକସ ଟଙ୍କାରୁ ତାକୁ କିଛି ସାମାଜିକ ସୁରକ୍ଷା ଯୋଜନା ଯୋଗାଇବା 'ଲାଭାର୍ଥୀ' ଯୋଜନା କିପରି ହେବ ? ଏହାଦ୍ୱାରା ତା'ର ପ୍ରକୃତ ଲାଭ କିପରି ହେଲା ? ଏହି ଶବ୍ଦର ଉତ୍ପତ୍ତି ହଠାତ୍ କାହିଁକି ହେଲା ? ଏହା ପୂର୍ବରୁ ବିଭିନ୍ନ ଯୋଜନାର ଅନ୍ତର୍ଭୁକ୍ତ ଲୋକଙ୍କୁ 'ହିତାଧିକାରୀ' କୁହାଯାଉଥିଲା। ହଠାତ୍ 'ହିତାଧିକାରୀ' ଶବ୍ଦ ବଦଳରେ 'ଲାଭାର୍ଥୀ' ଶବ୍ଦ ବ୍ୟବହାର ହେବା ଲୋକମାନଙ୍କୁ ବିଭ୍ରାନ୍ତି କରିବା ପାଇଁ ଉଦ୍ଦେଶ୍ୟ ନୁହେଁ କି ? କାରଣ କରୋନା ସମୟରେ ସେମାନେ ଯଦି କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି କୁହାଯିବ



ତାହାଲେ ସରକାର ତାଙ୍କ ପାଇଁ ଆବଶ୍ୟକୀୟ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ କରିନାହାନ୍ତି ବୋଲି ଜଣାପଡ଼ିବ। ତେଣୁ ସରକାରଙ୍କ ବିରୋଧରେ ଆକ୍ରୋଶ ଦେଖାଯିବ। କିନ୍ତୁ ଯଦି 'ଲାଭାର୍ଥୀ' ଶବ୍ଦ ବ୍ୟବହାର କରାଯାଏ ତେବେ ଲୋକେ ଭାବିବେ ସମାଜର ଧନୀ ଯେମିତି ଲାଭ ନେଉଛନ୍ତି ଆମେ ମଧ୍ୟ ସେମିତି ଲାଭ ନେଉଛୁ। ତେଣୁ ବ୍ୟବସ୍ଥାରେ କିଛି ତ୍ରୁଟି ନାହିଁ। ହାତୀ ଯେପରି ବେଶୀ ଧାନ ଖାଇବା ସ୍ୱାଭାବିକ ଗାଈ ସେମିତି ଅଳ୍ପ ଖାଦ୍ୟ ଖାଇବା ସ୍ୱାଭାବିକ। ତେଣୁ ଧନୀ ଲୋକ ଅଧିକ ସୁବିଧା ପାଇଲା ବେଳେ ଗରିବ ଲୋକେ କମ୍ ଲାଭ ପାଇବା ସ୍ୱାଭାବିକ। ତେଣୁ 'ଲାଭାର୍ଥୀ' ଶବ୍ଦ ବ୍ୟବହାର କରିବା ଦ୍ୱାରା ଆର୍ଥିକ ବ୍ୟବସ୍ଥାରେ କିଛି ତ୍ରୁଟି ନାହିଁ ଏବଂ ସମସ୍ତ ବର୍ଗ ଲାଭ ପାଉଛନ୍ତି ବୋଲି ଏକ ବାର୍ତ୍ତା ଗଲା। ଏହା ବିଜେପି ଶାସିତ ରାଜ୍ୟମାନଙ୍କରେ ସରକାର ବିରୋଧୀ ହାୱା ନଷ୍ଟ କରିବାରେ ସାହାଯ୍ୟ ମଧ୍ୟ କଲା। ତେଣୁ ଏହି ଶବ୍ଦର ବ୍ୟବହାର ତୁରନ୍ତ ବନ୍ଦ ହେବା ଆବଶ୍ୟକ।

ଦ୍ୱିତୀୟ କଥା ହେଲା ଗଣତନ୍ତ୍ର ପାଇଁ ଏହି ପ୍ରକାର ଯୋଜନା ଲାଭଦାୟକ କି ? ବିଜୁଳି ବିଲ୍ କାହିଁକି ଏତେ ବଢ଼ୁଛି ତାହା ତର୍ଜମା ନକରି ୩୦୦ ୟୁନିଟ୍ ମୁକ୍ତରେ ଦେଲେ ସାଧାରଣ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ କି ପରିବର୍ତ୍ତନ ହେଲା ? କୋଇଲା ଲିଜ୍, ବିଦ୍ୟୁତ୍ ଉତ୍ପାଦନର ଘରୋଇକରଣ, ବିଦ୍ୟୁତ୍ ବିକ୍ରୟ ଓ ଲାଭାଂଶ ଉପରେ ସରକାରୀ ନିୟନ୍ତ୍ରଣ ହ୍ରାସ ଏବଂ ମୋଟାମୋଟି ଶକ୍ତି କ୍ଷେତ୍ରରେ କି ବ୍ୟବସ୍ଥାଗତ ପରିବର୍ତ୍ତନ ହେଲା ? ଖଣି ଅଞ୍ଚଳର ଲୋକେ ଖଣିଜ ଦ୍ରବ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଲେ ନିଯୁକ୍ତି ପାଆନ୍ତେ। ତାହା ନକରି ମିନେରାଲ ଡେଭଲପମେଣ୍ଟ ଫଣ୍ଡ ଦ୍ୱାରା ରାସ୍ତାଘାଟ କଲେ ତାଙ୍କର ଗରିବୀ ଦୂର ହେଲା କି ? ରାଷ୍ଟ୍ରର ଆର୍ଥିକ ବ୍ୟବସ୍ଥାରେ ଯେପରି ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୭୦ ଦଶକରେ ବୈପ୍ଳବିକ ପରିବର୍ତ୍ତନ ଆଣି ବ୍ୟାଙ୍କ ଓ କେତେକ ବ୍ୟବସାୟିକ କ୍ଷେତ୍ରର ଜାତୀୟକରଣ କରିଦେଲେ ସେହିପରି ଆର୍ଥିକ ବ୍ୟବସ୍ଥାରେ ବୈପ୍ଳବିକ ବ୍ୟବସ୍ଥାଗତ ପରିବର୍ତ୍ତନର ଏବେ ଆବଶ୍ୟକତା ଅଛି, ଯାହାଫଳରେ ଗରିବ ଓ ଧନୀ ମଧ୍ୟରେ ତାରତମ୍ୟ କମିବ ଏବଂ ଦେଶର ସମ୍ପତ୍ତି ଏବଂ ଅର୍ଥନୀତିର ଲାଭ ଅଳ୍ପକିଛି ବ୍ୟବସାୟୀଙ୍କ ପାଖରେ ଠୁଳ ହେବନାହିଁ। ମୁଷ୍ଟିମେୟ ଲୋକେ ଆର୍ଥିକ ବ୍ୟବସ୍ଥାରୁ ଲାଭ ନପାଇ ନିମ୍ନବର୍ଗ ଓ ମଧ୍ୟବିତ୍ତ ଲୋକେ ସୁଷମ ବଣ୍ଟନ ଦ୍ୱାରା ଲାଭ ପାଇପାରିବେ। କିନ୍ତୁ ଏକଥା କରିବ କିଏ ? ଆମଦେଶରେ ସାଧାରଣତଃ ଆଞ୍ଚଳିକ ଦଳମାନେ ଆର୍ଥିକ ବ୍ୟବସ୍ଥା ଉପରେ କୌଣସି ରାଜନୈତିକ ଆଦର୍ଶଗତ ଷ୍ଟାଣ୍ଡ ନିଅନ୍ତି ନାହିଁ। କାରଣ ସେମାନେ ସୀମିତ ରାଜ୍ୟସ୍ତରରେ କାର୍ଯ୍ୟକରନ୍ତି। ତେଣୁ ଯାହା ଷ୍ଟାଣ୍ଡ ନେବେ ଜାତୀୟ ଦଳମାନେ। କମ୍ୟୁନିଷ୍ଟ ଦଳମାନେ ପ୍ରଭାବଶାଳୀ ନାହାନ୍ତି। କଂଗ୍ରେସର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଆର୍ଥିକ ସଂସ୍କାର ମଡେଲ୍ ବିଫଳ ହେବା ଦେଖାଦେଇଛି। କିନ୍ତୁ ଏକଥା ସ୍ୱୀକାର କରି କଂଗ୍ରେସ ବିକଳ୍ପ ସଂସ୍କାର ବ୍ୟବସ୍ଥା ପ୍ରଦାନ କରିପାରୁନାହିଁ। ରାହୁଲ ଗାନ୍ଧୀ କେବଳ କିଛି କର୍ପୋରେଟ୍ ହାଉସ୍ ଲାଭ ପାଉଛନ୍ତି ବୋଲି ବାରମ୍ବାର ଚିତ୍କାର କରୁଛନ୍ତି, ଯାହାର ଅର୍ଥ କିଛି ନାହିଁ। କାରଣ ଯେଉଁ ବ୍ୟବସ୍ଥାରେ ଏବେ ଦେଶ ଚାଲିଛି ତାହା ୯୦ ଦଶକରେ କଂଗ୍ରେସର ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ସମୟରୁ ଆରମ୍ଭ ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ମୁଷ୍ଟିମେୟ ପୁଞ୍ଜିପତି ହିଁ ଲାଭ ପାଇଆସୁଛନ୍ତି ଏବଂ ଆଗାମୀ ଦିନରେ ଯଦି ଏହି ବ୍ୟବସ୍ଥାକୁ ନବଦଳାଇ କଂଗ୍ରେସ ସରକାରକୁ ଆସେ ତେବେ ମଧ୍ୟ କ, ଖ, ଗ ଶିଳ୍ପପତି ଲାଭ ନପାଇ ଚ, ଛ, ଜ ଶିଳ୍ପପତି ଲାଭ ପାଇବେ। ଦେଶରେ ଏହିପରି ଧନୀ-ଗରିବ ତାରତମ୍ୟ ବୃଦ୍ଧି ପାଇଚାଲିଥିବ। ତେଣୁ କଂଗ୍ରେସର ମୋଦୀ ସରକାର ବିରୋଧୀ ସମାଲୋଚନାକୁ ଲୋକେ ବିଶ୍ୱାସ କରୁନାହାନ୍ତି। ଆର୍ଥିକ ବିକଳ୍ପ ନଦେଲା ପର୍ଯ୍ୟନ୍ତ କଂଗ୍ରେସ ମୋଦୀ ସରକାରଙ୍କୁ ଯାହା ସମାଲୋଚନା କଲେ ବି ଲୋକେ ବିଶ୍ୱାସ କରିବେ ନାହିଁ। ଅପରପକ୍ଷରେ କଂଗ୍ରେସ ମଧ୍ୟ ମାଗଣା ଯୋଜନାକୁ ପ୍ରୋତ୍ସାହନ କରୁଛି। ●ପୃଷ୍ଠା ୬ରେ

# ୨୦୨୪ରେ ବିଜେଡି ଓ ବିଜେପିର ଚିତ୍ର ସ୍ପଷ୍ଟ

**ଭୁବନେଶ୍ୱର:** ନିର୍ବାଚନ ରଣାଙ୍ଗନରେ ହାରିବା ବା ଜିତିବା କିଛି ବଡ଼କଥା ନୁହେଁ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମଇଦାନରେ ଥିବା ରାଜନୈତିକ ଦଳମାନେ କେଉଁ ଢ଼ଙ୍ଗରେ ହାରୁଛନ୍ତି ବା ଜିତୁଛନ୍ତି। ଓଡ଼ିଶାରେ ସଦ୍ୟ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଉଭୟ ବିଜେପି ଓ କଂଗ୍ରେସ ଯେଭଳି ଭାବରେ ଧରାଶାୟୀ ହେଲେ ସେଥିରୁ ସ୍ପଷ୍ଟ ଅନୁମାନ କରିହେବ ଯେ ଦୁଇଟି ଯାକ ଦଳ ବର୍ତ୍ତମାନ ସମୟରେ ଅତି କଠିନ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି। ଦୁଇ ଦଳ ପାଇଁ ଏଭଳି ଜଟିଳ ପରିସ୍ଥିତି ବୋଧହୁଏ ପୂର୍ବରୁ କେବେ ଦେଖାଯାଇନଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଦୁଇଟି ଯାକ ବିରୋଧୀ ଦଳ ଶାସକ ବିଜୁ ଜନତା ଦଳ (ବିଜେଡି) ନିକଟରୁ ଶୋଚନୀୟ ଭାବେ ପରାଜିତ ହେଲେ। କିନ୍ତୁ ଦେଶର ୫ଟି ରାଜ୍ୟରେ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ୪ଟି ରାଜ୍ୟରେ ବିଜେପି ବାଜିମାତ କଲା ଏଥିରୁ ସ୍ପଷ୍ଟ ଅନୁମାନ କରିହେଉଛି ଯେ ଆସନ୍ତା ୨୦୨୪ରେ ବିଜେପି ପୁଣି କେନ୍ଦ୍ରରେ କ୍ଷମତାକୁ ଫେରିବା ନିଶ୍ଚିତ। କେବଳ ଯେ କେନ୍ଦ୍ରରେ ବିଜେପି ତାହା ନୁହେଁ, ଓଡ଼ିଶାରେ ଯେପରି ଭାବରେ ନିର୍ବାଚନରେ ବିଜେଡି ତା'ର ସଂଖ୍ୟାଗରିଷ୍ଠତା ପ୍ରମାଣ କରିଛି ସେଥିରୁ ମଧ୍ୟ ସ୍ପଷ୍ଟ ଜଣାପଡୁଛି ଆଗାମୀ ୨୦୨୪ ବିଧାନସଭା ନିର୍ବାଚନରେ ବି ରାଜ୍ୟରେ କ୍ଷମତାସୀନ ହେବା ନିଶ୍ଚିତ।

ଜିଲ୍ଲା ପରିଷଦ ନିର୍ବାଚନରେ ଓଡ଼ିଶାରେ ପ୍ରଥମଥର ପାଇଁ ବିଜେଡି ସବୁ ଜିଲ୍ଲାରେ ଏକକ ପ୍ରାଧାନ୍ୟ ହାସଲକରିଛି। ଫଳରେ ୩୦ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ହାସଲକଲା। ଓଡ଼ିଶାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀରେ ୭୦ଭାଗ ମହିଳା ସ୍ଥାନିତ ହେବା ଓଡ଼ିଶାରେ ଏକ ନୂଆ ଯୁଗର ସୂତ୍ରପାତ କରିଛି। ଏଥିରେ ଆଦିବାସୀ, ଦଳିତ ଓ ପଛୁଆବର୍ଗର ମହିଳାମାନେ ରହିଛନ୍ତି। ଅଧିକାଂଶ ଶିକ୍ଷିତ ଓ ଯୁବକ ରହିଥିବାରୁ ଭବିଷ୍ୟତ ନେତୃତ୍ୱ ପାଇଁ ଏକପ୍ରକାର ମୂଳଦୁଆ ସେମାନଙ୍କ ଜରିଆରେ ସ୍ଥାପିତ ହୋଇଛି। ଯେଉଁ ମହିଳାମାନଙ୍କ ନିରବ ସମର୍ଥନ ଯୋଗୁ ବିଜେପି ଉତ୍ତରପ୍ରଦେଶରେ ବିଜୟ ହାସଲ କରିଛି ବୋଲି କହୁଛି ସେମାନେ ଓଡ଼ିଶା ପରିସ୍ଥିତି ଦେଖି ରାଜ୍ୟରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ କେତେଦୂର ଅଗ୍ରଗତି ହୋଇଛି ସହଜରେ ଜାଣିପାରିବେ। କେବଳ ସେତିକି ନୁହେଁ, ପଂଚାୟତ ନିର୍ବାଚନ ପରେ ପରେ ପୌର ପରିଷଦ ନିର୍ବାଚନ, ଯାହାକି ସଂପୂର୍ଣ୍ଣ ଭାବରେ ଦଳୀୟ ଭିତ୍ତିରେ କରାଯାଉଛି ସେଥିରେ ମେୟର ଆସନ, ପୌରାଧ୍ୟକ୍ଷ ଆସନ ଓ ଏନଏସି ଅଧ୍ୟକ୍ଷ ଆସନଗୁଡ଼ିକରେ ସିଧାସଳଖ ଭାବରେ ଭୋଟରମାନଙ୍କ ଦ୍ୱାରା ନିର୍ବାଚନ କରାଯାଉଛି। ତେବେ ଓଡ଼ିଶାରେ ସରକାରୀ ବିରୋଧୀ ବାତାବରଣ କେତେ ଦୁର୍ବଳ ତାହା ପରିଷ୍କାର ଜଣାପଡୁଛି। ସାଧାରଣତଃ ୨୨ବର୍ଷ ଧରି କ୍ଷମତାରେ ଥିବା ଏକ ସରକାର ବିରୋଧରେ ଯେଉଁ ଜନମତ ସୃଷ୍ଟିହେବା କଥା ତାହା ପଂଚାୟତ ନିର୍ବାଚନରେ ପରିଲକ୍ଷିତ ହେଲାନାହିଁ। ଯେଉଁ ମୁଖ୍ୟ ବିରୋଧୀ ଦଳ ବିଜେପି ୨୦୧୭ ପଂଚାୟତ ନିର୍ବାଚନରେ ଶତକଡ଼ା ୩୪ଭାଗ ଭୋଟ୍ ପାଇଥିଲା ଏବେ ତାହା ଶତକଡ଼ା ୩୦ଭାଗ ଭୋଟ୍ ପାଇଛି। ଏପରିକି ଅନ୍ୟଏକ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ୨୦୧୭ରେ ଶତକଡ଼ା ୧୬ ଭାଗରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲା ଏବେ ତାହାର ଭୋଟ୍‌ହାର ଶତକଡ଼ା ୧୩କୁ କମିଯାଇଛି। ଏହାଫଳରେ ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଏକ ପଂଚାୟତ ନିର୍ବାଚନରେ ଶାସକ ବିଜେଡିକୁ ଶତକଡ଼ା ୫୨ଭାଗ ଭୋଟ୍ ମିଳିଛି। ବାସ୍ତବରେ ଓଡ଼ିଶାରେ ଏପରି କୌଣସି ଗାଁ ନାହିଁ ବା ବସ୍ତିନାହିଁ ଯେଉଁଠାରେ ବିଜୁ ଜନତା ଦଳ ଶକ୍ତିଶାଳୀ ନାହିଁ। ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଓ ଗୋଆ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ବିଜେପି କର୍ମକର୍ତ୍ତାମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଉଦ୍‌ବୋଧନ ଦେଲେ, ସେଥିରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଫଳାଫଳ ଦୃଷ୍ଟିରୁ ୨୦୨୪ରେ ପୁଣି ବିଜେପି ବିଜୟୀ ହେବା ପରିଷ୍କାର ହୋଇଯାଇଛି। ଏସବୁ ଦୃଷ୍ଟିରୁ ବିଚାର କଲେ ଆସନ୍ତା ୨୦୨୪ ରାଜ୍ୟରେ ନବୀନ ସରକାର ଓ କେନ୍ଦ୍ରରେ ମୋଦୀ ସରକାର କ୍ଷମତାସୀନ ହେବା ଏକପ୍ରକାର ନିଶ୍ଚିତ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରୁଛନ୍ତି।

## ଅପହଞ୍ଚ ଇଲାକାର ଦୟନୀୟ ଚିତ୍ର



# ମୌଳିକ ସୁବିଧାରୁ ବଞ୍ଚିତ ଗାଁ ମୁର୍ଲିମୁହିଁ

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର କେରପାଇ ଗ୍ରାମ ପଞ୍ଚାୟତର ଦୁର୍ଗମ ରାଜସ୍ୱ ଗ୍ରାମ ହେଉଛି ମୁର୍ଲିମୁହିଁ। ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏହି ଇଲାକାରେ ରହନ୍ତି ପ୍ରାୟ ୪୫ ଘର ସରଳ ନିରୀହ ଆଦିବାସୀ ପରିବାର। ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରୁ ପ୍ରାୟ ୪୫ କିମି ଦୂର ଏହି ଦୁର୍ଗମ ମୁର୍ଲିମୁହିଁ ଗାଁକୁ ନାହିଁ ରାସ୍ତା। ଏହି ଗାଁକୁ ଯିବାକୁ ହେଲେ କେରପାଇ ପଞ୍ଚାୟତର ସେରକାପାଇ ପର୍ଯ୍ୟନ୍ତ ବହୁ କଷ୍ଟରେ ଦୁଇ ଚକିଆ ଯାନବାହନ ଦ୍ୱାରା ଯିବାକୁ ପଡିଥାଏ ଏବଂ ସେଠାରୁ ୫ କିମି ବିପଦସଙ୍କୁଳ ସୁଉଚ୍ଚ ପାହାଡିଆ ପାଦଚଲା ରାସ୍ତାରେ ଯିବାକୁ ପଡିଥାଏ ଏଠିକାର ଗ୍ରାମବାସୀଙ୍କୁ। ଏହା ଏଭଳି ଏକ ରାସ୍ତା ଯେଉଁଠି ବିପଦକୁ ବରଣ କରି ବହୁ କଷ୍ଟରେ ଯିବାକୁ ପଡିଥାଏ। ଏହି ଗାଁର ଚାରିପଟେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ପାହାଡ। ଗାଁକୁ ସ୍ୱାସ୍ଥ୍ୟ ସେବା ଅପହଞ୍ଚ। ଅମ୍ବୁଲାନ୍ସ ସେବା ତ ଏମାନଙ୍କ ପାଇଁ ସ୍ୱପ୍ନ। ଗର୍ଭବତୀ ମହିଳା ଅବା ରୋଗୀ ଖଟିଆରେ ବୁହାହୋଇ ଏହି ବିପଦସଙ୍କୁଳ ରାସ୍ତାରେ ଯିବାକୁ ପଡିଥାଏ ୫ କିମି ରାସ୍ତା। ଏଭଳି ବିପଦ ସମୟରେ ଭଗବାନଙ୍କୁ ଭରସା କରିବା ଛଡା କୌଣସି ଉପାୟ ଏମାନଙ୍କ ପାଖରେ ନଥାଏ। ସେହିଭଳି ଶିକ୍ଷାରୁ ବଞ୍ଚିତ ଏଠିକାର କୋମଳମତୀ ଶିଶୁ। ବିପଦସଙ୍କୁଳ ଦୂର ଜଙ୍ଗଲୀ ପାଦଚଲା ରାସ୍ତାରେ ସେରକେପାଇ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବାକୁ ଯିବା ଏହି କୋମଳମତୀ ଶିଶୁ ମାନଙ୍କ ପାଇଁ କାଠିକର ବିଷୟ। ଫଳରେ ଶିକ୍ଷାରୁ ବଞ୍ଚିତ ହେବା ସହିତ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହେଇଯାଉଛି ଏହି କୋମଳମତୀ ଶିଶୁଙ୍କ ଭାଗ୍ୟ। ମୁର୍ଲିମୁଇଁ ବାସୀଙ୍କ ପାଇଁ ବିଜୁଳି ସାତସପନ ପାଲଟିଛି। ଏଠାରେ ନା ଅଙ୍ଗନବାଡି ନା କୌଣସି ସ୍ୱାସ୍ଥ୍ୟ କର୍ମୀ ନା କୌଣସି ପ୍ରଶାସନିକ ପଦାଧିକାରୀ ଏପରିକି କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କ ମଧ୍ୟ ଏହି ଗାଁରେ ଦେଖା ମିଳନ୍ତିନାହିଁ। ସୌଭାଗ୍ୟ ବଶତଃ ସୋଲାର୍ ସିଷ୍ଟମ ଜରିଆରେ ଆଲୁଅର ବ୍ୟବସ୍ଥା କରିଛନ୍ତି ସରକାର, ଯାହା ବର୍ଷା ଦିନ ଅବା ମେଘୁଆ ପାଗରେ ଅଚଳ ହୋଇପଡିଥାଏ। ବର୍ଷର ପ୍ରାୟ ସମୟ ଅନ୍ଧାରରେ ଜୀବନ କାଟିବାକୁ ପଡିଥାଏ ଗ୍ରାମବାସୀଙ୍କୁ। ପରିବାର ପ୍ରତିପୋଷଣ ପାଇଁ ଏଠାରେ ରୋଜଗାରର କୌଣସି ବ୍ୟବସ୍ଥା ନଥିବା ବେଳେ କୌଣସି କାମ କଲେ ପାରିଶ୍ରମିକ ପାଉଣା ମଧ୍ୟ ମିଳୁନଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏପରିକି ସାମାଜିକ ସୁରକ୍ଷା ଯୋଜନାରୁ ମିଳୁଥିବା ଅସହାୟ ବୃଦ୍ଧବୃଦ୍ଧା ତଥା ବିଧବାଙ୍କୁ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରୁ ମିଳୁଥିବା ମାସିକ ଚାଉଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ଆଣିଛନ୍ତି ଲୋକେ। ସରକାରୀ ଯୋଜନା କ'ଣ ଏମାନଙ୍କୁ ଅଜଣା। ଏହି ଅବହେଳିତ ଗ୍ରାମ ମୁର୍ଲିମୁଇଁ ପ୍ରତି ସରକାର କେବ ଦୃଷ୍ଟି ଦେବେ ଓ ସ୍ଥାନୀୟ ବାସିନ୍ଦା କେବେ ଏଭଳି ଅସହାୟ ଅବସ୍ଥାରୁ ମୁକ୍ତି ପାଇବେ ତାହା ଦେଖିବା ବାକି ରହିଲା।







## ହୃଦରୋଗୀଙ୍କ ପାଇଁ ଯୋଗ ସଞ୍ଜୀବନୀ

ଆଜିକାଲି ପ୍ରାୟ ଲୋକଙ୍କ ଠାରେ ହୃଦରୋଗ ଜନିତ ସମସ୍ୟା ଦେଖାଯାଉଛି । ଆଜିକାଲି ଏଥିପାଇଁ ଅକାଳରେ ଅନେକ ଲୋକଙ୍କ ଜୀବନ ମଧ ଯାଉଛି । କିନ୍ତୁ ଏମିତି ଯୋଗ ଅଛି ଯାହାକୁ ନିୟମିତ କରିବା ଦ୍ୱାରା ଆପଣଙ୍କ ହାର୍ଟ ସୁସ୍ଥ ରହିବ । ଏହି ଯୋଗ ମୁଦ୍ରାଟି ହେଉଛି ଆପାନ ବାୟୁ ମୁଦ୍ରା । ଏହି ଯୋଗମୁଦ୍ରା ହୃଦରୋଗୀ ମାନଙ୍କ ପାଇଁ ଏକ ସଞ୍ଜୀବନୀ ସଦୃଶ କାମ କରିଥାଏ । ଏହି ଯୋଗ ମୁଦ୍ରାକୁ ମୃତ୍ୟୁ ସଞ୍ଜୀବନୀ ମୁଦ୍ରା ମଧ କୁହାଯାଏ ।

ଏହି ଯୋଗ ମୁଦ୍ରା କରିବା ପାଇଁ ଆସନ ଉପରେ ପଦ୍ମାସନ କିମ୍ବା ସୁଖାସନରେ ବସି ଯାଆନ୍ତୁ । ଆପଣ ଚେୟାର ଉପରେ ବସି ମଧ ଏହି ଆସନକୁ କରିପାରିବେ । ପ୍ରଥମେ ତର୍ଜନୀ ଆଙ୍ଗୁଠି ଆଣି ବୁଢା ଆଙ୍ଗୁଠି ତଳେ ଲଗାନ୍ତୁ ଓ ପରେ ମଝି ଆଙ୍ଗୁଠି ଓ ଅନାମିକା ଆଙ୍ଗୁଠିକୁ ବୁଢା ଆଙ୍ଗୁଠିରେ ଲଗାନ୍ତୁ । କନିଷ୍ଠ ଆଙ୍ଗୁଠିକୁ ସିଧା ରଖନ୍ତୁ । ଏହା ପରେ ଆଖି ବନ୍ଦ କରି ଧାନରେ ବସନ୍ତୁ । ଏହି ମୁଦ୍ରାକୁ ଆପଣ ଯେତେବେଳେ ଚାହିଁଲେ କରିପାରିବେ । ଯଦି ଛାତି ମୁଣ୍ଡ ଯନ୍ତ୍ରଣ ହେଉଥାଏ କିମ୍ବା ଦରଜ ହେଉଥାଏ, ଏହି ମୁଦ୍ରାକୁ ୧୫ ମିନିଟ ଅଭ୍ୟାସ କଲେ ତୁରନ୍ତ ଲାଭ ମିଳିଥାଏ । ଏହି ମୁଦ୍ରାକୁ ହୃଦ ରୋଗୀ ୨୦ ମିନିଟ୍ ଯାଏ ଅଭ୍ୟାସ କରିବା ଉଚିତ୍ ଓ ସୁସ୍ଥ ଲୋକମାନେ ଏହାକୁ ୧୦ ମିନିଟ୍ ଯାଏ ଅଭ୍ୟାସ କରିବା ଆବଶ୍ୟକ । ଯଦି କୌଣସି ରୋଗୀ ହଠାଥ୍ ହାର୍ଟ ଆଟାକ୍ରେ ସମ୍ମୁଖୀନ ହୁଏ, ଡାକ୍ତରଖାନା ନେବା ପର୍ଯ୍ୟନ୍ତ ରୋଗୀକୁ ଆପାନ ବାୟୁ ମୁଦ୍ରା କରାନ୍ତୁ । ଏହା ଦ୍ୱାରା ରୋଗୀ ବେଶି କ୍ଷତି ହେବାରୁ ବଞ୍ଚିତ ହୋଇଥାଏ । ଏବଂ ଏହା ସହିତ ସବୁବେଳେ ଖୁସିରେ ରହିବା ଓ ହସିବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ ।



## ଏହି ବ୍ୟକ୍ତଙ୍କ ପାଇଁ
# କ୍ଷୀର ସାଜିଯାଏ ଅଭିଶାପ



ଖାସକରି ଭାରତରେ ଅନେକ ଲୋକ କ୍ଷୀର ପିଇବାକୁ ପସନ୍ଦ କରନ୍ତି । ଏମିତିକି ଏହାକୁ ଅନେକ ଖାଦ୍ୟ ତିଆରି କରିବାରେ ବ୍ୟବହାର କରାଯାଏ । କ୍ଷୀରରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କିନ୍ତୁ ଏହାକୁ ପିଇବାରେ ମଧ ସତର୍କତା ଅବଲମ୍ବନ କରିବା ଦରକାର । ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି, ସେମାନଙ୍କ ପାଇଁ କ୍ଷୀର ପିଇବାର ସମୟ ମଧ ଜାଣିବା ଦରକାର । କିନ୍ତୁ ଯଦି ଆମେ ସ୍ୱାସ୍ଥ୍ୟ ବିଷୟରେ କହିବା ତେବେ ଡାକ୍ତରୀ ବିଜ୍ଞାନରେ କୁହାଯାଏ ଯେ କ୍ଷୀର ପିଇବାର ଉପଯୁକ୍ତ ସମୟ ରାତିକୁ କୁହାଯାଏ । ଏହାର କାରଣ ହେଉଛି କ୍ଷୀରରେ ପିଇବା ପେଟ ଫୁଲ ଲାଗେ ଓ ଜଣେ ଭଲ ଭାବେ ଶୋଇପାରେ ।

କିଛି ଲୋକ ସକାଳେ ମଧ କ୍ଷୀର ପିଇବାକୁ ପସନ୍ଦ କରନ୍ତି । ବିଜ୍ଞାନ ଅନୁଯାୟୀ, ଯେତେବେଳେ ଜଣେ କ୍ଷୀର ପିଏ ତାହା ଶରୀର ପାଇଁ ଭଲ ହୋଇଥାଏ କିନ୍ତୁ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ହଜମ କରାଇନଥାଏ । କ୍ଷୀରରେ କ୍ୟାଲସିୟମ୍, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, ପ୍ରୋଟିନ୍, ଭିଟାମିନ୍ ପରି ଅନେକ ପୁଷ୍ଟିକର ତତ୍ତ୍ୱ ଭରି ରହିଛି ।

ହେଲେ ଯେଉଁମାନଙ୍କର ଲାକ୍ଟୋଜ୍ ଇଣ୍ଟୋଲେରାନ୍ସ ସହିତ ଡ଼ାଇବେଟିସ ଅଛି ସେମାନେ କ୍ଷୀର ପିଇବା ଉଚିତ ନୁହେଁ । କାରଣ ତାଙ୍କୁ ହଜମ କରିବାରେ କଷ୍ଟ ହୋଇଥାଏ । ଏହା ଛଡା ହୃଦ୍ ରୋଗ ମଧ ହେଇଥାଏ । ତେଣୁ ଯାହାର ଏହି ରୋଗ ଅଛି ସେମାନେ ରାତିରେ କ୍ଷୀର ପିଇବା ଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଉଚିତ୍ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କ୍ଷୀର ପିଇବାର ଭଲ ସମୟ ହେଉଛି ରାତି ସମୟ ଓ ଯଦି ଆପଣ ଓଜନ ହ୍ରାସ କରିବାକୁ କିମ୍ବା ମାଂସପେଶୀକୁ ଶକ୍ତିଶାଳୀ କରିବାକୁ ଚାହୁଁଛନ୍ତି, ତେବେ ବ୍ୟାୟାମ ପରେ କ୍ଷୀର ପିଇବା ସର୍ବୋତ୍ତମ ସମୟ ଅଟେ । ଏହାକୁ ଗ୍ରହଣ କରିବା ପୂର୍ବରୁ ନିଶ୍ଚିତ ଭାବରେ ଡାକ୍ତରୀ ପରାମର୍ଶ ନିଅନ୍ତୁ ।

## ଟ୍ରେନରୁ ପଙ୍ଖା ଚୋରି ହୁଏନି

ଭାରତରେ ପ୍ରତିଦିନ କୋଟି କୋଟି ଲୋକ ଟ୍ରେନରେ ଯାତ୍ରା କରନ୍ତି । ଟ୍ରେନକୁ ଦେଶର ଜୀବନରେଖା ବୋଲି ବିବେଚନା କରାଯାଏ । ଆପଣ ନିଶ୍ଚୟ ଶୁଣିଥିବେ ଯେ ପୂର୍ବରୁ ଟ୍ରେନରେ ବହୁତ ଚୋରି ହେଉଥିଲା । ଚୋରମାନେ ଟ୍ରେନରୁ ଫ୍ୟାନ, ବଲ୍ବ ଭଳି ଜିନିଷ ଚୋରି କରୁଥିଲେ । ପୂର୍ବରୁ ଟ୍ରେନରୁ ଫ୍ୟାନ ଚୋରି ହେବା ସାଧାରଣ କଥା ଥିଲା । ଏହା ପରେ ରେଳବାଇ ଏହାର ମୁକାବିଲା ପାଇଁ ଏକ ଉପାୟ ଖୋଜି ପାଇଥିଲା, ଯାହା ପରେ ଚୋରମାନେ ଚାହିଁଲେ ମଧ ଟ୍ରେନର ଫ୍ୟାନ ଚୋରି କରିପାରିବେ ନାହିଁ । ଆଜି ଆମେ ଆପଣଙ୍କୁ ଚୋରି ନ ହେବା ପାଇଁ ରେଳବାଇ ବ୍ୟବହାର କରୁଥିବା ଟେକନିକ ବାବଦରେ କହିବୁ । ବାସ୍ତବରେ, ଚୋରି ମାମଲା ବଢୁଥିବା ଦେଖି ରେଳବାଇ ଫ୍ୟାନଗୁଡିକୁ ଏପରି ନିର୍ମାଣ କରିଥିଲା ଯେ, ଯେଭଳି ଏଗୁଡିକ ଘରେ ଚାଲିପାରିବ ନାହିଁ । ଏହି ଫ୍ୟାନଗୁଡିକ ଯେତେ ସମୟ ପର୍ଯ୍ୟନ୍ତ କୋଚରେ ଲାଗିଥାଏ, କେବଳ ସେଗୁଡିକ କାମ ଦେଇଥାଏ । ଯଦି ଫ୍ୟାନକୁ କୋଚରୁ ବାହାର କରାଯାଏ, ତେବେ ଏଗୁଡିକ ନଷ୍ଟ ହୋଇଯାଇଥାନ୍ତି । ସାଧାରଣତଃ ଆମେ ଘରେ ଦୁଇ



ପ୍ରକାରର ବିଦ୍ୟୁତ୍ ବ୍ୟବହାର କରୁ । ପ୍ରଥମଟି ଏସି (ଅଲ୍ଟରନେଟିଭ କରେଣ୍ଟ) ଏବଂ ଦ୍ୱିତୀୟଟି ଡିସି (ଡାଇରେକ୍ଟ କରେଣ୍ଟ) । ଯଦି ଘରେ ଏସି ବିଦ୍ୟୁତ୍ ବ୍ୟବହାର କରାଯାଏ ତେବେ ସର୍ବାଧିକ ଶକ୍ତି ୨୨୦ ଭୋଲ୍ଟ ହେବ । ଅନ୍ୟ ପଟେ, ଯଦି ଡିସି ବ୍ୟବହାର କରାଯାଏ ତେବେ ବିଦ୍ୟୁତ୍ ୫, ୧୨ କିମ୍ବା ୨୪ ଭୋଲ୍ଟ ହେବ । ଟ୍ରେନରେ ଲାଗିଥିବା ଫ୍ୟାନଗୁଡିକ ୧୧୦ ଭୋଲ୍ଟରେ ନିର୍ମିତ, ଯାହା କେବଳ ଡିସିରେ ଚାଲିଥାଏ । ଘରେ ବ୍ୟବହୃତ ଡିସି ପାୱାର ୨୪ ଭୋଲ୍ଟ ଅତିକ୍ରମ କରିନଥାଏ, ତେଣୁ ଆପଣ ଏହି ପଙ୍ଖାକୁ ନିଜ ଘରେ ବ୍ୟବହାର କରିପାରିବେ ନାହିଁ । ତେଣୁ ଟ୍ରେନରେ ଲାଗିଥିବା ପଙ୍ଖାଗୁଡିକ କେବଳ ଟ୍ରେନରେ ଚାଲିପାରିବେ । ସେଥିପାଇଁ କୌଣସି ବି ଚୋର ଟ୍ରେନରୁ ପଙ୍ଖା ଚୋରି କରନ୍ତି ନାହିଁ ।ସୂଚନା ଥାଉ କି ଯେ ଟ୍ରେନ୍ ଏକ ଜାତୀୟ ସମ୍ପତ୍ତି । ଟ୍ରେନରୁ ଚୋରି କରିବା ଦ୍ୱାରା ଆଇପିସିର ଧାରା ୩୮୦ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ପଞ୍ଜିକୃତ ହୋଇପାରିବ । ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନା ମଧ ଲାଗୁ ହୋଇଥାଏ ।

# ଓଡ଼ିଶାର ଜନଜାତି

ବିଶ୍ୱ ମାନଚିତ୍ରେର ଓଡ଼ିଶାକୁ ଦୁଇଟି କ୍ଷେତ୍ରରେ ଜାଣିଥାନ୍ତି । ପ୍ରଥମ ହେଲା ଜଗନ୍ନାଥ କ୍ଷେତ୍ର । ଦ୍ୱିତୀୟଟି ଜନଜାତି କ୍ଷେତ୍ର । ବହୁବିଧ ସଂସ୍କୃତିର ଗନ୍ତାଘର ଓଡ଼ିଶାରେ, ଆର୍ଯ୍ୟ ଏବଂ ଅଣ-ଆର୍ଯ୍ୟଙ୍କ ସୁନ୍ଦର ସମାହାର । ଜନଜାତିଙ୍କ ଦେବଦେବୀ ଏଠି ଯେପରି ଆର୍ଯ୍ୟମାନଙ୍କ ଦ୍ୱାରା ଆରାଧିତ ସେହିପରି ଆର୍ଯ୍ୟ ପରମ୍ପରା ଜନଜାତିଙ୍କ ଦ୍ୱାରା ଆଦୃତ । ପ୍ରଥା-ପରମ୍ପରାରେ ସମନ୍ୱୟର ଧାରା ଗତିଶୀଳ ହେଉଥିଲେ ମଧ ଜନଜାତିଙ୍କ ସ୍ୱକୀୟତା, ପରିଚିତି ଅଦ୍ୟାବଧି ଅମଳିନ । ଓଡ଼ିଶାରେ ୬୨ ଜନଜାତିଙ୍କ ସମାଗମ, ପୁନଶ୍ଚ ଏମାନଙ୍କ ମଧରେ ସାମାଜିକ-ଅର୍ଥନୈତିକ ଏବଂ ଜ୍ଞାନ କୌଶଳ ଆଧାରରେ ୧୩ ଗୋଟି ଗୋଷ୍ଠୀଙ୍କୁ ପ୍ରାଚୀନ ଜନଜାତିର ମାନ୍ୟତା ଦିଆଯାଇଛି । ଏ ସମସ୍ତ ଜନଜାତି ଭାଷା ଦୃଷ୍ଟିରୁ ତିନିଗୋଟି ଭାଷା ପରିବାର ଅନ୍ତର୍ଭୁକ୍ତ । ପ୍ରଥମ କେତେକ ଗୋଷ୍ଠୀ ଦ୍ରାବିଡ ଭାଷା ପରିବାର ଅନ୍ତର୍ଭୁକ୍ତ । ଏମାନଙ୍କ ମଧ୍ୟରେ କନ୍ଧ, କୋୟା, ଓରାଓଁ, କିସାନ, ଗଣ୍ଡ ପ୍ରମୁଖ ଜନଜାତି ଥିବା ବେଳେ ମୁଣ୍ଡା ଭାଷା ପରିବାରର ସାନ୍ତାଳ, ମୁଣ୍ଡା, ହୋ, କୋହ୍ଲ, ଜୁଆଙ୍ଗ, ଖଡ଼ିଆ, ବଣ୍ଡା, ଗଦବା, ସଉରା, ଭୂମିଜ ଜନଜାତି ଅନ୍ତର୍ଭୁକ୍ତ ହୋଇଥାନ୍ତି । ପରିବର୍ତ୍ତନର ସ୍ରୋତରେ କାଳକ୍ରମେ ଅନେକ ଜନଜାତି ନିଜର ମୂଳ ଭାଷାରୁ ଓହରିଯାଇ ଆର୍ଯ୍ୟ ଭାଷା ସହ ସଂପର୍କ ଯୋଡ଼ିଛନ୍ତି । ଏମାନେ ହେଲେ ବାଥୁଡ଼ି, ସାଉତି, ବିନ୍‌ଝାଲ, ଭୁଞ୍ଜିଆ, କୁଲିସ୍, ପରଜା, ଭୂମିଆ, ଭତରା, ଓ ମାନାତ୍ୟ ଇତ୍ୟାଦି । ତେବେ ସେମାନଙ୍କ ସାମାଜିକ-ସାଂସ୍କୃତିକ ଧାରା ଊଣା ଅଧିକେ ଅବିଚ୍ଛିନ୍ନ ଏବଂ ସେହି କ୍ରମରେ ସେମାନଙ୍କ ପରିଚିତି ବ୍ୟାପକ । ଶିକ୍ଷା-ସଚେତନତାର ପ୍ରସାର ସହ ଆତ୍ମ ସଚେତନ ଜନଜାତି ଗୋଷ୍ଠୀ ଏବେ ନିଜ ନିଜ ଭାଷାର ଅସ୍ମିତା ବଜାୟ ରଖିବାକୁ ନିଜସ୍ୱ ଲିପି ପ୍ରକରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସାନ୍ତାଳ ଜନଜାତି ନିଜ ଭାଷା ସାନ୍ତାଳୀରେ ଅନେକ ପୁସ୍ତକ ପ୍ରକାଶନ ସହ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଭାଷାକୁ ଅନ୍ତର୍ଭୁକ୍ତ କରିସାରିଛନ୍ତି । ତାଙ୍କ ଭାଷାର ସ୍ୱତନ୍ତ୍ର ଲିପି 'ଅଲଚିକି' । ସାନ୍ତାଳୀ ମାନଙ୍କ ମଧରେ ବହୁଳ ପ୍ରସାର ଲାଭ କରିବାରେ ସକ୍ଷମ ହେଲାଣି । ହୋ କୋହ୍ଲମାନଙ୍କ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଅନେକ ସଚେତନ ନାଗରିକ ଉଦ୍ୟମ ଜାରି ରଖିଛନ୍ତି । 'ହୋ' ଭାଷାର ଲିପି 'ୱାରାଂଚିତି'ରେ ମଧ ଅନେକ ପୁସ୍ତକ ପତ୍ର-ପତ୍ରିକା ପ୍ରକାଶିତ ହେବାରେ ଲାଗିଛି । ସଉରା ଭାଷା ଭାଷୀ ମଧ୍ୟ ସେମାନଙ୍କ ଭାଷା 'ସରା' ଏବଂ ତାଙ୍କ ଲିପି 'ସୋରାନ୍ ସୋମପେନ୍'କୁ ପ୍ରସାରିତ ଓ ବ୍ୟାପକ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏମାନଙ୍କ ପଛକୁ ପଛ କନ୍ଧ ମାନଙ୍କ 'କୁଇ', ଓରଓ ମାନଙ୍କ 'କୁଡୁଖ୍', ଭୂମିଜ ମାନଙ୍କ ଭୂମିଜ ଭାଷା କ୍ରମଶଃ ଆଗଭର ହେଲେଣି ନିଜ ପରିଚିତି ଜାହିର କରିବାକୁ । ଭାଷାର ଅସ୍ମିତା ରହିଲେ ଜାତିର ପରିଚିତି ରହିବ ଏବଂ ଭାଷାର ଅସ୍ମିତା ପାଇଁ ଲିପିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ସେମାନଙ୍କ ଯୁକ୍ତି । ଭାଷା ସଂସ୍କୃତିର ବାକ୍ୟ । ତେଣୁ ଭାଷା ସଂରକ୍ଷଣ ସହ ପ୍ରସାର ହେବାର ଆବଶ୍ୟକତା ଊଣା ଅଧିକେ ଅନେକ ଜନଜାତି ଅନୁଭବ କରୁଛନ୍ତି । ଓଡ଼ିଶାରେ ବସବାସ କରୁଥିବା ଜନଜାତି ବିଶେଷତଃ ଜଙ୍ଗଲ କାଟି ଜମି ଚାଷ କରିବା, ସ୍ଥାୟୀ କୃଷିଜୀବୀ ହିସାବରେ ଜୀବନ ନିର୍ବାହ କରିବା, ବିଭିନ୍ନ କଳା, କାରିଗରୀକୁ ପରିଚୟର ମାଧ୍ୟମ କରିବା, ଉଦ୍ୟାନ କୃଷି କର୍ମରେ ନିଜର ପାରଦର୍ଶିତା ଦେଖାଇବା, ଶ୍ରମିକ ତଥା ଖଣି ଖାଦାନରେ କାମ କରି ଜୀବନ ଜିଇଁବା ତଥା ଶିକ୍ଷା ବ୍ୟବସ୍ଥାରେ ସାମିଲ ହୋଇ ବିଭିନ୍ନ ସରକାରୀ, ଘରୋଇ ତଥା ଉଦ୍ୟୋଗରେ କର୍ମସଂସ୍ଥାନ କରିବା ଦେଖାଦେଉଛି । ଅନେକ ଜନଜାତି ସଂପ୍ରତି ଛୋଟ ବଡ଼ ବ୍ୟବସାୟ ସହିତ ନିଜକୁ ଜଡ଼ିତ କରି ସଫଳତା ହାସଲ କରି ଆସୁଛନ୍ତି । ପୂର୍ବରୁ ଜନଜାତିର ଯେଉଁ ସଂଜ୍ଞା ଥିଲା ତାହା କ୍ରମଶଃ ଶିଥିଳ ହେବାରେ ଲାଗିଛି ଏବଂ ଜନଜାତିଙ୍କ ନୂତନ ପରିଚୟ ସୃଷ୍ଟି ହେଉଛି । ଏହାର ମୁଖ୍ୟ କାରଣ ହେଉଛି ଶିକ୍ଷା ଓ ସଚେତନାର ବ୍ୟାପକ ପ୍ରସାର ଏବଂ ଜନଜାତିଙ୍କ ଉନ୍ନୟନ ବ୍ୟବସ୍ଥାରେ ସାମିଲ ହେବା । ଏସବୁ ସତ୍ୱେ ଜନଜାତିଙ୍କ ସ୍ୱତନ୍ତ୍ର ପରିଚିତି ରହିଛି । ପ୍ରକୃତି ପୂଜକ ହିସାବରେ ସେମାନଙ୍କ ସ୍ୱତନ୍ତ୍ର ଧର୍ମାଚାର, ପୂର୍ବପୁରୁଷଙ୍କ ସହିତ ଏକାତ୍ମତା, ଅଦ୍ୟାବଧି ଜନଜାତି ସମାଜରେ ଖୁବ୍ ଚର୍ଚ୍ଚିତ । ବସୁମାତା ଓ ସୂର୍ଯ୍ୟ ତାଙ୍କ ପାଇଁ ସକଳ ସୃଷ୍ଟି ଶକ୍ତିର ଆଧାର । ପ୍ରତ୍ୟେକ ଅବସରରେ ପାର୍ବଣର ମାହୋଲ । ଆବାଳବୃଦ୍ଧ ବନିତାଙ୍କ ସେଥିରେ ସାମିଲ ସହ ନୃତ୍ୟ ଗୀତର ସୁନ୍ଦର ଯୋଗାଯୋଗ ମନେହୁଏ ପ୍ରକୃତି ଓ ମଣିଷ ଏକାକାର । ଏହିପରି ବହୁବର୍ଣ୍ଣା ସଂସ୍କୃତିଙ୍କୁ ନେଇ ଏହି ସ୍ତମ୍ଭରେ ଓଡ଼ିଶାର ପ୍ରତ୍ୟେକ ଜନଜାତିଙ୍କ ଆଲେଖ୍ୟ ସଂକ୍ଷେପରେ ଉପସ୍ଥାପନା କରିବାର ସମ୍ଭାବନାଟାଏ ରଖିଛୁ । ପ୍ରତ୍ୟେକ ପ୍ରକାଶନରେ ସେମାନଙ୍କ-ସାମାଜିକ ସାଂସ୍କୃତିକ ବ୍ୟବସ୍ଥାର ଝଲକ ପରିବେଷଣ ହେବ ।



# ତୃତୀୟ ଶ୍ରେଣୀରେ ପଢୁଥିବା ସେଇ ପିଲାମାନେ

ପ୍ରଣତି ପାତ୍ର

**ବର୍ତ୍ତମାନ ସମୟ ଏହି ପିଲାମାନଙ୍କ ପାଇଁ ତଥା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏହି ସମୟରେ ପିଲାଟି ନୂତନ ପରିବେଶ ସହିତ ନିଜକୁ ଖାପଖୁଆଇ ପାରିଲା, ଆଗାମୀ ଦିନରେ ତା'ର ଶିକ୍ଷାର ନିରନ୍ତରତା ବଜାୟରହିବା ସମ୍ଭବ ବୋଲି ମନେହୁଏ ।**

ପ୍ରାଥମିକ ବିଦ୍ୟାଳୟରେ କ୍ଲାସରୁମ୍ ଭିତ୍ତିକ ପାଠପଢ଼ା ଆରମ୍ଭ ହେବା ଦିନଠାରୁ ଏମିତି କେବେ ହୋଇନଥିଲା । ପ୍ରଥମଥର ପାଇଁ ପିଲାମାନେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢ଼ିବା ନିମନ୍ତେ ବିଦ୍ୟାଳୟକୁ ନଯାଇ ସିଧାସଳଖ ତୃତୀୟ ଶ୍ରେଣୀରେ କ୍ଲାସରୁମ୍‌ରେ ପାଠପଢ଼ା ଆରମ୍ଭ କରିଛନ୍ତି ।

ଦୁଇବର୍ଷ ହେଲା ସେମାନେ ଶୁଣିଆସୁଥିଲେ ଯେ, ତାଙ୍କ ନାମ ଅମୁକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଲେଖାଯାଇଛି । ଉକ୍ତ ବିଦ୍ୟାଳୟ ସହିତ ସେମାନଙ୍କର କିଛି ଅଦୃଶ୍ୟ ସଂପର୍କ ସ୍ଥାପନ ହୋଇଛି । କରୋନା ପରିସ୍ଥିତି ଯେତେବେଳେ ଗମ୍ଭୀର ଥିଲା, ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଘର ପାଖରେ ପାଠ୍ୟପୁସ୍ତକ ଆଣି ଦେଇଥିଲେ । ଏହାର କିଛିଦିନ ପରେ ଡକରା ପାଇ ଉକ୍ତ ବିଦ୍ୟାଳୟରୁ ସ୍କଲ ୟୁନିଫର୍ମ ହଳେ ନେଇଆସିଥିଲେ । କିଛି ମାସର ବ୍ୟବଧାନରେ ଚାଉଳ ଓ କିଛି ଟଙ୍କା ମଧ ମିଳୁଥିଲା । ଏ ସମସ୍ତ ସୁବିଧା ପଛରେ ବିଦ୍ୟାଳୟର ଗୋଟିଏ ଉଦ୍ଦେଶ୍ୟ- ପିଲାଟି ପାଠପଢୁ । ପ୍ରଥମଥର ପାଇଁ ଯେତେବେଳେ ପିଲାଟି ପାଠ୍ୟପୁସ୍ତକ ଗ୍ରହଣ କରିଥିଲା, ଏହା ତା' ପାଇଁ ଉପହାରଠାରୁ କମ୍ ନଥିଲା । ବାପା ମା'ଙ୍କ ସ୍ୱଳ୍ପ ରୋଜଗାର ଓ ଘରର ପରିସ୍ଥିତି ମଧରେ ଏମିତି ମଝିରେ ମଝିରେ ମିଳୁଥିବା ଉପହାର ତା' ପାଇଁ ଅଜଣା ପୁଲକ ଆଣିଦେଉଥିଲା । କୌଣସି ବିଦ୍ୟାଳୟର ଛାତ୍ର ବା ଛାତ୍ରୀ ହିସାବରେ ତା'ର ଏକ ସାମାଜିକ ପରିଚୟ ସୃଷ୍ଟି ହୋଇଥିଲା ।

ପାଠ୍ୟପୁସ୍ତକର ରଙ୍ଗବେରଙ୍ଗ ଚିତ୍ର, ସୁନ୍ଦର ୟୁନିଫର୍ମ, ପେନସିଲ୍, ଖାତା ଓ ଚାଉଳ ଦେଖି ତା'ର କୋମଳ ମନରେ ପାଠପଢ଼ି ବଡ଼ମଣିଷ ହେବାର ଇଚ୍ଛା ଜାଗିଉଠୁଥିଲା । ପାଠ୍ୟ ପୁସ୍ତକର ପୃଷ୍ଠା ବାରମ୍ବାର ଓଲଟାଇ କେତେଥର ଦେଖୁଥିଲା । ହେଲେ ଅକ୍ଷର ପଢ଼ିବା ତ ଜାଣିନି ! ଚିତ୍ର ତଳେ କ'ଣ ଲେଖା ହୋଇଛି, କାହାକୁ ପଚାରିବ ?

ବର୍ତ୍ତମାନ ଯଦି ସେ ବିଦ୍ୟାଳୟରେ ପଢୁଥାଆନ୍ତା, ସେ ପଚାରିବା ପୂର୍ବରୁ ତା' ଶିକ୍ଷକମାନେ ପୃଷ୍ଠା ପରେ ପୃଷ୍ଠା ତାକୁ ପଢ଼ାଇ ଚାଲିଥାଆନ୍ତେ । କିନ୍ତୁ ଘରର ସେହି ଚାରିକାନ୍ଥ ଭିତରେ ସୁନ୍ଦର ବହି ଓ ସେହି ଚିତ୍ର ମଧରେ କିଛି ବୁଝିବା ପାଇଁ ଚେଷ୍ଟା କରୁଥିବା ସେହି ଛୋଟ ପିଲାଟିର ଅସହାୟତାକୁ ଆମେ କଳନା କରିପାରିବା କି ? କୁନି କୁନି ହାତରେ ସେ ଯେତେବେଳେ ୟୁନିଫର୍ମଟିକୁ ଧରିଥିବ ଓ ତା' ମାଆ ତାକୁ ପିନ୍ଧେଇ ଦେଇଥିବ, ସେ କ'ଣ ସବୁ କଳ୍ପନା କରିଥିବ ? ପାଖରେ ବହି ଅଛି, ଖାତା ଅଛି, ବ୍ୟାଗ୍ ଅଛି, ୟୁନିଫର୍ମ ମଧ ପିନ୍ଧିଛି, କିନ୍ତୁ ସେ ବିଦ୍ୟାଳୟ ଯାଇପାରିବ ନାହିଁ । ସମୟର ଏ କି ବିଡ଼ମ୍ବନା ସତେ ! ଛୋଟ ଶିଶୁଟିର ଏ ଅସହାୟତା ଆଗରେ ପୃଥିବୀଯାକର ପ୍ରତିଭାଶାଳୀ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ ପାଲଟିଯାଇଥିଲେ ମୂକ ।

ଏମିତି ୨୩ମାସ ବିତିଗଲା । ଏବେ ଡାକରା ଆସିଲା । ବିଦ୍ୟାଳୟ ଖୋଲିଗଲାଣି । ସମସ୍ତେ ବିଦ୍ୟାଳୟ ଯାଇ ପାଠପଢ଼ିବେ । ଦିନ ପିନ୍ଧା କରିଦେଇଥିବା ୟୁନିଫର୍ମକୁ ପିନ୍ଧି, ବହି ସହିତ କିମ୍ବା ବହି ବ୍ୟତୀତ ପିଲାଟି ଆଜି ବିଦ୍ୟାଳୟ ଯାଉଛି । ଘରଠାରୁ ଏ ପରିବେଶ ସଂପୂର୍ଣ୍ଣ ଅଲଗା । ଏଠି ତା'ର ଆଗମନରେ ସତେ ଯେମିତି ସମସ୍ତେ ଖୁସି । ଚାରିଆଡ଼େ ତାକୁ ପାଠପଢ଼ା ପ୍ରତି ଆଗ୍ରହ କରିବା ପାଇଁ ସମସ୍ତେ ଆଗଭର । ବିଦ୍ୟାଳୟ ସାରା ଫୁଲ, ଝୋଟି, ବେଲୁନ୍‌ରେ ସୁସଜ୍ଜିତ । ଲାଗୁଛି ଏହି ଭୌଗୋଳିକ



ପରିବେଶରେ ଦୁଃଖ ନାହିଁ, ସମସ୍ୟା ନାହିଁ ।

ଦୁଇବର୍ଷ ହେଲା ତା' ସହିତ ଘଟି ଚାଲିଥିବା ଘଟଣା ଉପରେ ପିଲାଟି କୌଣସି ନିୟନ୍ତ୍ରଣ ନାହିଁ । ସେ ଜାଣିନାହିଁ ସେ ଯେଉଁ ଶ୍ରେଣୀରେ ପଢୁଛି, ସାଧାରଣତଃ ଏହି କକ୍ଷରେ ଥିବା ପିଲାମାନେ କ'ଣ ସବୁ ବିଦ୍ୟା ଅକ୍ତିଆର କରିବା କଥା । ସେହି ବାସ୍ତବତା ସହିତ ତାକୁ ଆହୁରି ପରିଚିତ କରାଯାଇନାହିଁ ।

ପାଠପଢ଼ା ପ୍ରତି ତା'ର ମାନସିକ ଓ ଶାରୀରିକ ପ୍ରସ୍ତୁତି ପାଇଁ କରାଯାଇଥିବା ଆୟୋଜନ ଶେଷ ହେଲେ ତା' ସ୍ଥିତି ବିଷୟରେ ଆକଳନ କରାଯିବ । ଏସବୁ ବିଷୟରେ ଅଜ୍ଞାତ ଥିବା ପିଲାଟି ବର୍ତ୍ତମାନର ହସଖୁସି ପରିବେଶରେ ନିଜକୁ ହଜେଇ ଦେଉଛି ।

ନୂଆ ସମୟ ନିର୍ଘଣ୍ଟ ସହିତ ଅନଭ୍ୟସ୍ତ ଥିବା ପିଲାଟିର ସତେଯେମିତି ଜୀବନରେ ବିରାଟ ପରିବର୍ତ୍ତନ ଆସିଯାଇଛି । ଘରେ ଥିବାବେଳେ ତା'ର ଅଧିକାଂଶ ସମୟ ପିତାମାତା, ଭାଇଭଉଣୀ ଓ ସାହିପଡ଼ିଶା ସହିତ ବିତୁଥିଲା । ଏବେ ତା' ପାଇଁ ସବୁକିଛି ନୂଆ । ଜୀବନରେ ପ୍ରଥମଥର ନୂଆ ନୂଆ ସହପାଠୀଙ୍କ ସହିତ ସେ ପାଠ ପଢୁଛି । ଶିକ୍ଷକ ନାମକ ନୂଆ ମଣିଷ ତା' ଜୀବନରେ ସାମିଲ୍ ହୋଇଛନ୍ତି । ଶିକ୍ଷକମାନେ କେମିତି ପିଲାମାନଙ୍କୁ କେମିତି ପାଠ ପଢ଼ାନ୍ତି, ଏସବୁ ସେ ପୂର୍ବରୁ ଟିଭିରେ ଦେଖିଥିଲା । ଏବେ ଶିକ୍ଷକମାନେ ପ୍ରତିଦିନ ତାକୁ ପାଠ ପଢ଼ାରେ ସାହାଯ୍ୟ କରୁଛନ୍ତି । ଇଚ୍ଛା ନଥିଲେ ମଧ ତାକୁ କ୍ଲାସରୁମ୍‌ରେ ବସିରହିବାକୁ ପଡୁଛି । ପାଠ ପ୍ରତି ସେ ମନଯୋଗ ଦେବାକୁ ଚେଷ୍ଟା କରୁଛି । କେତେବେଳେ ଘର କଥା ତ କେତେବେଳେ ଦୁଇବର୍ଷ ଧରି ବିତେଇଥିବା ସ୍ୱାଧୀନ ଜୀବନ କଥା ତା'ର ମନେ ପଡ଼ିଯାଉଛି । ଏସବୁ ବ୍ୟତୀତ ଖରାବେଳେ ତାକୁ ଗରମ ଗରମ ଭୋଜନ ଖାଇବାକୁ ଦିଆଯାଉଛି । ତେଣୁ ଏମିତି ନୂଆ ପରିବେଶରେ 'ହଁ ନାହିଁ' ରେ ତା' ମନ ଧୀରେ ଧୀରେ ଏକ ନୂତନ ଜୀବନର ଆଶା ସୃଷ୍ଟିକରୁଛି । କହିବା ବାହୁଲ୍ୟ, ତୃତୀୟ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ସଠିକ୍ ମନୋସ୍ଥିତିକୁ କଳନା କରିପାରିବା ବୟସ୍କମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ବର୍ତ୍ତମାନ ସମୟ ଏହି ପିଲାମାନଙ୍କ ପାଇଁ ତଥା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏହି ସମୟରେ ପିଲାଟି ନୂତନ ପରିବେଶ ସହିତ ନିଜକୁ ଖାପଖୁଆଇ ପାରିଲା, ଆଗାମୀ ଦିନରେ ତା'ର ଶିକ୍ଷାର ନିରନ୍ତରତା ବଜାୟରହିବା ସମ୍ଭବ ବୋଲି ମନେହୁଏ ।

କିନ୍ତୁ ପିଲାଟିର ଯଦି କୌଣସି କାରଣ ଯୋଗୁଁ ପାଠ ପ୍ରତି ବିମୁଖତା ସୃଷ୍ଟିହୁଏ, ତେବେ ତା'ର ନିରନ୍ତର ଶିକ୍ଷାଗ୍ରହଣ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇପାରେ । ତେଣୁ ଏହି ସମୟରେ ପ୍ରତି ପିଲାକୁ ସ୍ୱତନ୍ତ୍ର ଅଭିନିବେଶ ଆବଶ୍ୟକ । କାରଣ ଯଦି ଗୋଟିଏ ମଧ ପିଲା ପାଠ ଛାଡୁଛି, ସମାଜ ଉପରେ ଏହାର ସୁଦୁରପ୍ରସାରୀ ନକରାତ୍ମକ ପ୍ରଭାବ ପଡ଼ିବ । ତେଣୁ ପିଲାମାନଙ୍କୁ ଶିକ୍ଷା ପରିବେଶ ସହିତ ଖାପ ଖୁଆଇବା ଯେତିକି ଆହ୍ୱାନପୂର୍ଣ୍ଣ, ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଏହି ପରିସ୍ଥିତିକୁ ନିଷ୍ଠାର ସହିତ ପାଳନ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ।

ମୋ: ୯୪୩୭୧୩୪୮୮୮

# ୨୦୨୩ ସୁଦ୍ଧା ସରିବ କ୍ୟାନସର ହସ୍‌ପିଟାଲ: ମୁଖ୍ୟସଚିବ



ଭୁବନେଶ୍ୱର : ଓଡ଼ିଶାରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଅନ୍ୟଏକ ମାଇଲଖୁଣ୍ଟ ଭାବେ ଗଢ଼ି ଉଠୁଥିବା ବାଗ୍‌ଚୀ-ଶଙ୍କର କ୍ୟାନ୍ସର୍ ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ରର ନିର୍ମାଣ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ତଥା ହସ୍ପିଟାଲ ଓ କରୁଣାଶ୍ରୟର ପ୍ରମୁଖ କର୍ଣ୍ଣଧାର ଡଃ ସୁବ୍ରତୋ ବାଗ୍‌ଚୀଙ୍କ କ୍ଷେତ୍ର ପରିଦର୍ଶନରୁ ଏହା ଜଣାପଡ଼ିଛି। ଏହି ହସ୍ପିଟାଲ୍ ପାଇଁ ରାଜ୍ୟ ସରକାର ଇନ୍‌ଫୋଭାଲି-୨ରେ ଯୋଗାଇ ଦେଇଥିବା ୨୦ ଏକର ପରିମିତ ଅଞ୍ଚଳ ପରିଦର୍ଶନ କରି ଶ୍ରୀ ମହାପାତ୍ର ନିର୍ମାଣ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ ଇତିମଧ୍ୟରେ ହସ୍ପିଟାଲ୍‌କୁ ୭୫୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ନିର୍ମାଣ କାମ ଆରମ୍ଭ ହୋଇଛି। ପୂର୍ବରୁ ଏହା ୫୦୦ ଶଯ୍ୟା ପାଇଁ ଯୋଜନା କରାଯାଇଥିଲା। ଇତି ମଧ୍ୟରେ ବହିର୍ବିଭାଗ ଚିକିତ୍ସା କୋଠା ଏବଂ ଗ୍ରାଉଣ୍ଡ ଫ୍ଲୋର କାମରେ ଦ୍ରୁତ ଅଗ୍ରଗତି ହୋଇଛି। ଚଳିତ ବର୍ଷ ମେ' ମାସ ଶେଷ ସୁଦ୍ଧା ଗ୍ରାଉଣ୍ଡ ଫ୍ଲୋରର ଛାତ ପଡ଼ିବ ବୋଲି କାର୍ଯ୍ୟରତ ଇଞ୍ଜିନିୟର ଜଣାଇଥିଲେ। ହସ୍ପିଟାଲ୍ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ସବୁଜ ବଳୟ ସୃଷ୍ଟି ସହ ପରିସର ଭିତରେ ଥିବା ପ୍ରକୃତିକ ଖାଲୁଆ ଯାଗାକୁ ଏକ ସୁନ୍ଦର ପୁଷ୍କରିଣୀ ଭାବେ ବିକଶିତ କରିବା ନିମନ୍ତେ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ।

୨୦୨୩ ମସିହା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସୁଦ୍ଧା ହସ୍ପିଟାଲ୍‌ର ପ୍ରଥମ ପର୍ଯ୍ୟାୟ ନିର୍ମାଣ ଶେଷ ପୂର୍ବକ ରୋଗୀସେବା ଆରମ୍ଭ କରିବା ପାଇଁ ସମୀକ୍ଷା ସମୟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ହସ୍ପିଟାଲ୍ ନିର୍ମାଣରେ ପ୍ରାୟ ୨୨୦ କୋଟି ଟଙ୍କା ବିନିଯୋଗ ହେବାର ଆକଳନ କରାଯାଇଛି।

ସେହିପରି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଏବଂ ଡଃ ବାଗ୍‌ଚୀ ଇନ୍‌ଫୋଭାଲି-୨ ରେ ବାଗ୍‌ଚୀ କରୁଣାଶ୍ରୟ ଉପଶମ ଚିକିତ୍ସା କେନ୍ଦ୍ର ପରିସର ଯାଇ ସେଠାରେ ମଧ୍ୟ ନିର୍ମାଣ ଓ ସେବା ଯୋଗାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ପ୍ରାୟ ୨୧୦ କୋଟି ଟଙ୍କା ଆକଳନରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୨୦୨୩ ଜୁଲାଇ ମାସ ଶେଷସୁଦ୍ଧା ସରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୫୦ ଶଯ୍ୟା ବିଶିଷ୍ଟ ଉପଶମ ଚିକିତ୍ସା କେନ୍ଦ୍ର ଭାବେ ବିକଶିତ କରାଯିବ। ଶିକ୍ଷା ଓ ଗବେଷଣା ନିମନ୍ତେ ଏଥିରେ ୫୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ୍‌ର ବ୍ୟବସ୍ଥା କରାଯିବ। ଗଣ୍ଡମୁଣ୍ଡାଠାରେ ଆରମ୍ଭ କରାଯାଇଥିବା ଅସ୍ଥାୟୀ ଗୃହଭିତ୍ତିକ ସେବାଯୋଗାଣ କେନ୍ଦ୍ରରେ ମଧ୍ୟ ବହିର୍ବିଭାଗ ଚିକିତ୍ସା ଆରମ୍ଭ କରାଯାଇଛି ବୋଲି ଡକ୍ଟର ବାଗ୍‌ଚୀ ଜଣାଇଥିଲେ। ଚଳିତ ମାର୍ଚ୍ଚ ମାସରୁ ପ୍ରତି ସପ୍ତାହର ଶୁକ୍ରବାର ଦିନ ଏହି ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି ଅସ୍ଥାୟୀ ଗୃହସେବା ଚିକିତ୍ସା କେନ୍ଦ୍ରକୁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଗତ ଡିସେମ୍ବର ମାସରେ ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ୧୨୮ ଜଣ ରୋଗୀଙ୍କୁ କେନ୍ଦ୍ର ତରଫରୁ ଗୃହଭିତ୍ତିକ ଉପଶମ ଚିକିତ୍ସା ଓ ଯତ୍ନ ଯୋଗାଇ ଦିଆଯାଇଛି। ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ୍, ଏମ୍ସ, କ୍ୟାପିଟାଲ୍ ହସ୍-ପିଟାଲ୍ ଆଦିରୁ ଶେଷ ପର୍ଯ୍ୟାୟ ଉପଶମ ଚିକିତ୍ସା ଦରକାର କରୁଥିବା ରୋଗୀଙ୍କୁ ଏଠାକୁ ପଠାଯାଉଛି। ବର୍ତ୍ତମାନ ସୁଦ୍ଧା ୩୬ ଜଣ ଏପରି ରୋଗୀଙ୍କୁ ବହିର୍ବିଭାଗ ରେଫେରାଲ୍ କେସ୍ ଭାବେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହାଛଡ଼ା କର୍କଟ ରୋଗରେ ମୃତ୍ୟୁବରଣ କରିଥିବା ୬ଟି ଗରିବ ପରିବାରଙ୍କୁ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଓ ପିଲାଙ୍କ ପାଠପଢ଼ା ସହାୟତା ଯୋଗାଇବାର ସମନ୍ୱୟ କରାଯାଇଛି। ହସ୍‌ପିଟାଲ୍‌ର ମୁଖ୍ୟ ଅର୍କିଟେକ୍ ସୁନ୍ଦର ରମନ୍, କରୁଣାଶ୍ରୟର ମୁଖ୍ୟ ଆର୍କିଟେକ୍ ଏନ୍. ମେଡାପ୍ପା, କରୁଣାଶ୍ରୟର ପରିଚାଳକ ଜ୍ଞାନ ରଂଜନ ମହାପାତ୍ର, ପ୍ରକଳ୍ପ ପରିଚାଳକ ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ କ୍ଷେତ୍ରସ୍ତରୀୟ ସ୍ଥିତି ସହ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ।

# କୋଭିଡ୍ କଟକଣାରେ ଚାଲିବ ବିଧାନସଭା



ଭୁବନେଶ୍ୱର : ଆସନ୍ତା ୨୫ ତାରିଖରେ ଆରମ୍ଭ ହେବାକୁ ଯାଉଛି ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ। ଏଥିପାଇଁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ଅଧିବେଶନମାନଙ୍କ ଭଳି ଏଥର ମଧ୍ୟ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଗୃହକାର୍ଯ୍ୟ ଚାଲିବ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ବିଧାନସଭା ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସମସ୍ତ ବିଧାୟକ, ଅଧିକାରୀ ଓ କର୍ମଚାରୀଙ୍କର ଆରଟିପିସିଆର ଟେଷ୍ଟ କରାଯିବ। ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଲେ ଯାଇ ଗୃହ ଭିତରକୁ ଛଡ଼ାଯିବ। ସେହିଭଳି ଗୃହ ଭିତରେ ସିଟିଂ ଆରେଞ୍ଜମେଣ୍ଟ ପୂର୍ବଭଳି ରହିବ। ଦିନକୁ ୫ ଘଣ୍ଟା ଗୃହ କାର୍ଯ୍ୟ ଚାଲିବ ଏବଂ ଏହି ଅବଧି ମଧ୍ୟରେ ଶୂନ୍ୟକାଳ, ପ୍ରଶ୍ନକାଳ ଓ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବ। ବିଧାନସଭାର ୫୯ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ବାଚସ୍ପତିଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ସରକାରୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ମୁଖ୍ୟସଚେତକ ମୋହନ ମାଝି, ବିଧାୟକ ଦେବୀପ୍ରସାଦ ମିଶ୍ର ଓ ବିଧାନସଭା ସଚିବ ଦାଶରଥି ଶତପଥୀ ଉପସ୍ଥିତ ଥିବାବେଳେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଭର୍ଚୁଆଲ ଯୋଗେ ଯୋଡ଼ି ହୋଇଥିଲେ। ଏହି ଅବସରରେ ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ ସାମ୍ବାଦିକଙ୍କୁ ପ୍ରବେଶ ଅନୁମତି ମିଳୁ ବୋଲି ଶ୍ରୀ ମିଶ୍ର ଦାବି ରଖିଥିଲେ। ତେବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗାଇଡ଼ଲାଇନ ଆଧାରରେ ଏଭଳି ଅନୁମତି ଦିଆଯାଇପାରିବନି ବୋଲି ବାଚସ୍ପତି କହିଥିଲେ। ଅନ୍ୟପଟେ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମାଝି ପ୍ରଶ୍ନକାଳ ଅବଧି ଆଉ ଘଣ୍ଟାଏ ବଢ଼ାଇବାକୁ ପ୍ରସ୍ତାବ ରଖିଥିବା ବେଳେ ତାହା ମଧ୍ୟ ଖାରଜ ହୋଇଛି। ବଜେଟ୍ ଅଧିବେଶନରେ ମାତ୍ର ୬ଟି କାର୍ଯ୍ୟ ଦିବସ ରହିଛି। ୨୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ୩୦ ତାରିଖରେ କାମଚଳା ବଜେଟ୍ ଉପସ୍ଥାପନ ହେବାକୁ ଥିବାବେଳେ ୩୧ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇ ଅଧିବେଶନ ଶେଷ ହେବ।

# ଜାତୀୟ ରାଜପଥ ଉନ୍ନତିକରଣରେ ଓଡ଼ିଶା ମଡେଲ୍‌କୁ ପ୍ରଶଂସା

ଭୁବନେଶ୍ୱର : ଓଡ଼ିଶାରେ ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଯେଉଁଭଳି ସହଯୋଗ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ହେଉଥିବା ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ଯୁଗ୍ମ ସମୀକ୍ଷା ହୋଇଥିବା ବେଳେ ଏଥିରେ ସଡ଼କ ପରିବହନ ମନ୍ତ୍ରଣାଳୟ ସଚିବ କହିଥିଲେ ଯେ, ଓଡ଼ିଶାରେ ଜାତୀୟ ରାଜପଥ ଉନ୍ନତୀକରଣ ନେଇ ମୁଖ୍ୟ ସଚିବ, ଅତିରିକ୍ତ ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ଡିଏଫ୍‌ଓ, ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସହଯୋଗ ପ୍ରଶଂସନୀୟ। ରାସ୍ତାର ଆଲାଇନ୍‌ମେଂଟ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଜମି ଅଧିଗ୍ରହଣ, କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପର୍ଯ୍ୟନ୍ତ ସବୁ ସ୍ତରରେ ପୂର୍ଣ୍ଣ ସହଯୋଗ ମିଳୁଛି। ତେଣୁ ଏନ୍‌ଏଚ୍‌ଏଆଇର କର୍ମଚାରୀମାନେ ଜିଲ୍ଲାପାଳ, ଡିଏଫ୍‌ଓମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ପ୍ରକଳ୍ପ ଅଗ୍ରଗତିରେ ଦେଖାଯାଉଥବା ସମସ୍ୟାର ସମାଧାନ କରିବାକୁ ପରିବହନ ମନ୍ତ୍ରଣାଳୟ ସଚିବ କହିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରିବା ସହ ସବୁ ପାଇଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଏହା ସହ ପାରାଦୀପରୁ ଭଦ୍ରସାହି-ବଡବିଲ ପର୍ଯ୍ୟନ୍ତ ଏକ ଅର୍ଥନୈତିକ କରିଡରର ଉନ୍ନତିକରଣ କରିବାକୁ ମୁଖ୍ୟ ସଚିବ କହିଛନ୍ତି। ଏଥିପାଇଁ ୧୦୦ ମିଟରର ରୋଡ୍ ଅଫ୍ ୱେ ପାଇଁ ଜମି ଅଧିଗ୍ରହଣ କରିବାକୁ କୁହାଯାଇଛି। ଏହି ବୈଠକରେ ଏନ୍‌ଏଚ୍‌ଏଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଧର୍ମାନନ୍ଦ ଷଡ଼ଙ୍ଗୀ ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ଉପରେ ସୂଚନା ଦେଇ କହିଥିଲେ ଓଡ଼ିଶାର ୩୦ଟି ଜିଲ୍ଲାରେ ୩୮ଟି ଜାତୀୟ ରାଜପଥର ୫୭୫୩ କିମି ରାସ୍ତା ଅଛି। ଏନ୍‌ଏଚ୍‌ଏଆଇ ୧୯ଟି ଏନ୍‌ଏଚ୍‌ର ୨୮୩୩ କିମି ରାସ୍ତାର ରକ୍ଷଣାବେକ୍ଷଣ କରୁଛି। ଏନ୍‌ଏଚ୍‌ଏଆଇ ସଦସ୍ୟ ମହାବୀର ସିଂହ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ସତ୍ୟବ୍ରତ ସାହୁ, ପରିବହନ କମିସନର ଅରୁଣ ବୋଥ୍ରା, ଏନ୍‌ଏଚ୍‌ଏଆଇର ସିଜିଏମ୍ ରାମ ପ୍ରସାଦ ପଣ୍ଡା ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଖାଳଦିବସ ପାଳିଲେ ନବୀନ, ଧର୍ମେନ୍ଦ୍ର





ଭୁବନେଶ୍ୱର : ବିଶ୍ୱ ପଖାଳ ଦିବସକୁ ବିଶ୍ୱବ୍ୟାପୀ ଓଡ଼ିଆ ଲୋକେ ଧୂମଧାମରେ ପାଳନ କରିଛନ୍ତି। ରାଜ୍ୟର ସବୁ ଅଞ୍ଚଳରେ ଲୋକେ ନିଜ ପରିବାର ସହ ମିଶି ପଖାଳ ଖାଇ ଏହି ଦିବସ ମନାଇଛନ୍ତି। ସେହିଭଳି ରାଜ୍ୟ ବାହାରେ ଥିବା ଓଡ଼ିଆ ଲୋକେ ମଧ୍ୟ ପଖାଳ ଦିବସ ପାଳିବାକୁ ଭୁଲିନାହାନ୍ତି। ସବୁଠୁ ଚର୍ଚ୍ଚାରେ ରହିଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପଖାଳ ଖିଆ। ମୁଖ୍ୟମନ୍ତ୍ରୀ ଏକ ୩୫ ସେକେଣ୍ଡର ଭିଡିଓ ଶେୟାର କରି ସମସ୍ତଙ୍କୁ ପଖାଳ ଦିବସର ଶୁଭେଚ୍ଛା ଜଣାଇଥିଲେ। ଯେଉଁଥିରେ ସେ ଦହି ପଖାଳ, ଚୁନା ମାଛ ଭଜା, ଆଳୁ ଭଜା, ସଜନା ଛୁଇଁ ଭଜା, ବଡ଼ି ଚୁରା, ସାଗ ଓ କଲରା ଭଜା ଇତ୍ୟାଦିକୁ ବେଶ୍ ଖୁସିରେ ଖାଉଥିବା ନଜର ଆସୁଛନ୍ତି। ପଖାଳ ତାଙ୍କର ଭାରି ପସନ୍ଦ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନିଜର ପଖାଳ ଖିଆ ଫଟୋ ଟ୍ୱିଟରରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଆମ ଓଡ଼ିଆଙ୍କ ଜନଜୀବନରେ ପାରମ୍ପରିକ ଖାଦ୍ୟ 'ପଖାଳ'ର ସ୍ଥାନ ସ୍ୱତନ୍ତ୍ର। ଏହା କେବଳ ଆମ ପାଇଁ ଏକ ଖାଦ୍ୟ ନୁହେଁ, ବରଂ ଖାଦ୍ୟପାଇଁ ଥିବା ଆମର ଭଲ ପାଇବା, ଶ୍ରଦ୍ଧା ଓ ସଦିଚ୍ଛାର ନିଚ୍ଛକ ପ୍ରମାଣ। ସଭିଙ୍କ ଖାଇବା ଟେବୁଲ୍‌ରେ ପଖାଳ ସବୁବେଳେ ହିଟ୍। ଏହା ଏପରି ଏକ ବ୍ୟଞ୍ଜନ; ଯାହା ପ୍ରତିଟି ଓଡ଼ିଆ ପରିବାରରେ ଦେଖିବାକୁ ମିଳିବ। ପଖାଳ ମୋର ଅତି ପ୍ରିୟ। ଏହି ବିଶେଷ ଦିନରେ 'ପଖାଳ' ଖାଇ ମୁଁ ଅତ୍ୟନ୍ତ ଆନନ୍ଦିତ। ପଖାଳ ସାଙ୍ଗରେ ଅନ୍ୟାନ୍ୟ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନର ସ୍ୱାଦ ସତରେ ନିଆରା ବୋଲି କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି। ଏହାବାଦ୍ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାୟକ ସୁରେଶ ରାଉତରାୟଙ୍କ ପଖାଳ ଖିଆ ମଧ୍ୟ ଚର୍ଚ୍ଚାରେ ରହିଥିଲା।

# ଆଉ ୬ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର : ରାଜ୍ୟରେ ୫-ଟି ବ୍ୟବସ୍ଥା ଲାଗୁ ହେବାପରେ ବିଭିନ୍ନ ବିଭାଗର ସ୍ୱଚ୍ଛତା ଉପରେ ଏହା ଜଗୁଆଳି ସଦୃଶ୍ୟ କାର୍ଯ୍ୟ କରୁଛି। ଦୁର୍ନୀତିଗ୍ରସ୍ତ ଓ ଅସାଧୁ କାର୍ଯ୍ୟରେ ଲିପ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଖସିବା ବାଟ ବନ୍ଦ କରିଦେଇଛି ଏହି ବ୍ୟବସ୍ଥା। ଧରାପଡ଼ିବା ମାତ୍ରେ ସିଧା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଉ ୬ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏହି ୬ ଅଧିକାରୀଙ୍କ ମଧ୍ୟରେ ତିନି ଜଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଜଣେ ପୁଲିସ ଇନ୍ସପେକ୍ଟର, ଜଣେ ଅତିରିକ୍ତ ଯୋଗାଣ ଅଧିକାରୀ ଓ ଜିଲ୍ଲା କଲ୍ୟାଣ ଅଧିକାରୀ ରହିଛନ୍ତି। ତିନି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହେଉଛନ୍ତି ସରୋଜ କୁମାର ଦାସ, ଦୟାନିଧି ସାମଲ ଓ କରୁଣାକର ଘଡ଼ାଇ। ଏମାନେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ କ୍ୟାଡରର ଅଧିକାରୀ। ରାଜ୍ୟ ସରକାରଙ୍କ ରିପୋର୍ଟ କାର୍ଡ ମୁତାବକ ଶ୍ରୀ ଦାସଙ୍କ କାର୍ଯ୍ୟଶୈଳୀରେ ଅସଙ୍ଗତି, ନିଷ୍ଠାର ଅଭାବ ଏବଂ ଅପାରଗତା ଯୋଗୁଁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ସାମଲ ନିଜର ଅପାରଗତା ଓ ଅସାଧୁ ଆଚରଣ ସକାଶେ ଚାକିରି ହରାଇଛନ୍ତି। ଅନ୍ୟତମ ଯନ୍ତ୍ରୀ ଶ୍ରୀ ଘଡ଼ାଇଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ବିରୋଧରେ ଅସାଧୁତାର ପ୍ରମାଣ ମିଳିବାପରେ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅନୁଗୁଳ ଜିଲ୍ଲାର ପୁଲିସ ଇନ୍ସପେକ୍ଟର ରତ୍ନାକର ମଲ୍ଲିକଙ୍କ କାର୍ଯ୍ୟ ଅପାରଗତାର ବହୁ ଅଭିଯୋଗକୁ ଆଧାର କରି ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ସରକାର। ସେହିଭଳି ନୂଆପଡ଼ା ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ଥିବା ରତ୍ନାକର ସେଠୀଙ୍କ ନାମରେ ଦୁଇଟି ଦୁର୍ନୀତି ମାମଲ ରହିଛି। ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ତାଙ୍କ ନିକଟରୁ ୬.୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରାଯାଇଥିଲା। ଏବେ ତାଙ୍କୁ ଜେଲ୍‌କୁ ପଠାଯାଇଛି। ଅନ୍ୟପଟେ ଅନୁଗୁଳ ଜିଲ୍ଲାର ପୂର୍ବତନ କଲ୍ୟାଣ ଅଧିକାରୀ ଚାରୁଲତା ମଲ୍ଲିକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି। ସେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡ଼ିଥିଲେ। ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଏବେ ବାଧ୍ୟତାମୂଳକ ଅବସର ଦିଆଯାଇଛି।

# 'ଜୀବନବ୍ୟାପୀ ସାଧନା ପୁରସ୍କାର' ପାଇବେ ଭର୍ତ୍ତୃହରି



ନୂଆଦିଲ୍ଲୀ : ପ୍ରତିଷ୍ଠିତ ଖବର ପ୍ରକାଶନ ସଂସ୍ଥା 'ଲୋକମତ' ପକ୍ଷରୁ ସଂସଦୀୟ ପୁରସ୍କାର-୨୦୨୨ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଲୋକସଭା ଓ ରାଜ୍ୟସଭାର ମୋଟ୍ ୮ଜଣ ସାଂସଦଙ୍କୁ ଚଳିତ ଥର ସଂସ୍ଥା ପକ୍ଷରୁ ସମ୍ମାନିତ କରାଯିବ। ଏହି ୮ ସାଂସଦଙ୍କ ମଧ୍ୟରେ ଓଡ଼ିଶାରୁ କଟକ ସାଂସଦ ଭର୍ତ୍ତୃହରି ମହତାବ ରହିଛନ୍ତି। ତାଙ୍କୁ ଲୋକମତ ପକ୍ଷରୁ ସଂସଦରେ ଉଲ୍ଲେଖନୀୟ ପ୍ରଦର୍ଶନ ସକାଶେ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ପାଇଁ ଚୟନ ହୋଇଥିବା ଅନ୍ୟ ୭ ଜଣ ସାଂସଦ ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ଏକେ ଆଣ୍ଟୋନି, ଟିଏମ୍‌ସିର ଡେରେକ ଓବ୍ରିଏନ୍, ଏନ୍‌ସିପିର ବନ୍ଦନା ଚଭନ, ବିଜେପିର ତେଜସ୍ୱୀ ସୂର୍ଯ୍ୟ ଓ ଲକେଟ୍ ଚାଟାର୍ଜୀ, ଏଆଇଏମ୍‌ଆଇଏମର ଅସଦୁଦ୍ଦିନ ଓୱେସୀ ଓ ଆରଜେଡିର ମନୋଜ ଝା। ଶ୍ରୀମତୀ ଚଭନ ଓ ଚାଟାର୍ଜୀଙ୍କୁ ବର୍ଷର ଶ୍ରେଷ୍ଠ ମହିଳା ସାଂସଦ ଭାବେ ସମ୍ମାନିତ କରାଯିବ। ସେହିଭଳି ନବାଗତ ଶ୍ରେଷ୍ଠ ସାଂସଦ ବର୍ଗରେ ତେଜସ୍ୱୀ ସୂର୍ଯ୍ୟ ଓ ମନୋଜ ଝାଙ୍କୁ ପୁରସ୍କୃତ କରାଯିବ। ବର୍ଷ ୨୦୨୦ ଓ ୨୦୨୧ରେ ଏହି ସାଂସଦମାନଙ୍କର ସଂସଦୀୟ ପ୍ରଦର୍ଶନକୁ ବିଚାର କରି ବିଚାରକ ମଣ୍ଡଳୀ ସେମାନଙ୍କ ନାମ ସର୍ବସମ୍ମତିକ୍ରମେ ଚୟନ କରିଛନ୍ତି। ଏନ୍‌ସିପି ନେତା ଶରଦ ପୱାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୁଲାମନବୀ ଆଜାଦ ଓ ସୁରେଶ ପ୍ରଭୁ, ଆରଏସ୍‌ପିର ଏନ୍‌କେ ପ୍ରେମଚନ୍ଦ୍ରନ୍, ରାଜ୍ୟସଭାର ପୂର୍ବତନ ମହାସଚିବ ଯୋଗେନ୍ଦ୍ର ନାରାୟଣ, ଦ ପ୍ରିଣ୍ଟ୍‌ର ମୁଖ୍ୟ ସମ୍ପାଦକ ଶେଖର ଗୁପ୍ତା, ଟିଭି-୯ ଭାରତବର୍ଷର ଖବର ସମ୍ପାଦକ ହେମନ୍ତ ଶର୍ମା, ଲୋକମତ ସମ୍ପାଦକୀୟ ମଣ୍ଡଳୀର ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ବିଜୟ ଦାଦ୍ରା, ବରିଷ୍ଠ ସମ୍ପାଦକ ଶରଦ ଗୁପ୍ତା ଏବଂ ଲୋକମତର ଜାତୀୟ ଖବର ସମ୍ପାଦକ ହରିଶ ଗୁପ୍ତା ପ୍ରମୁଖ ବିଚାରକମଣ୍ଡଳୀର ସଦସ୍ୟ ଥିଲେ। କରୋନା ସକାଶେ ଗତ ଦୁଇବର୍ଷ ଧରି ଲୋକମତ ପକ୍ଷରୁ ପୁରସ୍କାର ପ୍ରଦାନ ସମାରୋହ ହୋଇପାରନଥିବା ବେଳେ ଚଳିତ ବର୍ଷ ଏହା ବଡ଼ ଆକାରରେ ଅନୁଷ୍ଠିତ ହେବ।



ଭାରତରେ ଅବସ୍ଥାପିତ ବ୍ରିଟେନ୍‌ର ଡେପୁଟୀ ହାଇକମିଶନର ନିକ୍ ଡି ଲୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଏହି ଅବସରରେ କ୍ରୀଡ଼ାର ପ୍ରୋତ୍ସାହନ କ୍ଷେତ୍ରରେ ଓଡ଼ିଶାର ଅବଦାନ ଏବଂ ଶ୍ରୀ ପଟ୍ଟନାୟକଙ୍କ ଦୂରଦର୍ଶିତାର ଭୂୟସୀ ପ୍ରଶଂସା କରିଛନ୍ତି। ଦୁହିଁଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଠନମୂଳକ ଆଲୋଚନା ହୋଇଥିଲା। ଶେଷରେ ଓଡ଼ିଶା ସ୍ପନସରସିପ୍ କରୁଥିବା ଭାରତୀୟ ହକି ଟିମ୍‌ର ଜର୍ସି ହାଇକମିଶନରଙ୍କୁ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍



ଭୁବନେଶ୍ୱର: କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କୁ ଗୁଜୁରାଟର ରାଜକୋଟ୍‌ସ୍ଥିତ ଆରକେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଅଫ୍ ସାଇନ୍‌ସ(ଡିଏସି) ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଗୁଣାତ୍ମକ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା ଓ ଗ୍ରାମ୍ୟ ବିକାଶ ମାଧ୍ୟମରେ ଶିଶୁମାନଙ୍କ ସଶକ୍ତିକରଣ ବିଶେଷକରି ଜନଜାତି ଶିଶୁଙ୍କ ସଶକ୍ତିକରଣ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ନିରବଚ୍ଛିନ୍ନ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୪୮ତମ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ। ଏହା ପୂର୍ବରୁ ବହୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। କନ୍ଧମାଳରେ ଥିବାରୁ ଶ୍ରୀ ସାମନ୍ତ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ଅନ୍‌ଲାଇନ୍ ଗ୍ରହଣ କରିଥିଲେ। ଏଥିରେ ଶ୍ରୀ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଆର କେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଖୋଦିଦାସ ପଟେଲ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସ୍କଚ୍ ଷ୍ଟେଟ୍ ଗଭର୍ଣ୍ଣାନ୍ସ: ଅଷ୍ଟମରୁ ତୃତୀୟ ସ୍ଥାନକୁ ଉଠିଲା ଓଡ଼ିଶା




ଭୁବନେଶ୍ୱର : ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରଦର୍ଶନକୁ ନେଇ ରାଙ୍କିଂ କରୁଥିବା ପ୍ରତିଷ୍ଠିତ ସଂସ୍ଥା ସ୍କଚ୍ ପକ୍ଷରୁ ବର୍ଷ ୨୦୨୧ ପାଇଁ ଷ୍ଟେଟ୍ ଗଭର୍ଣ୍ଣାନ୍ସ ରିପୋର୍ଟ କାର୍ଡ ଜାରି ହୋଇଛି। ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ଶାସନ ପରିଚାଳନାକୁ ନେଇ ଜାରି ହୋଇଥିବା ଏହି ରାଙ୍କିଂରେ ଓଡ଼ିଶା ଜବରଦସ୍ତ ପ୍ରଦର୍ଶନ କରିଛି। ଏକାଥରକେ ରାଜ୍ୟ ୫ଟି ସ୍ଥାନ ଉପରକୁ ଉଠିଆସି ତୃତୀୟ ସ୍ଥାନରେ ରହିଛି। ଓଡ଼ିଶା ପ୍ରଥମ କରି ପାଞ୍ଚ ଜଣିଆ କ୍ଲବରେ ସାମିଲ ହୋଇପାରିଛି। ବିଗତ ବର୍ଷମାନଙ୍କରେ ଓଡ଼ିଶାର ପ୍ରଦର୍ଶନକୁ ଦେଖିଲେ ପ୍ରତିବର୍ଷ ରାଜ୍ୟ ଉନ୍ନତିର ନୂଆ ସିଡ଼ି ଚଢ଼ିଚାଲିଛି। ୨୦୧୮ରେ ଓଡ଼ିଶା ସ୍କଚ୍ ଷ୍ଟେଟ୍ ଗଭର୍ଣ୍ଣାନ୍ସ ରାଙ୍କିଂରେ ୧୩ତମ ସ୍ଥାନରେ ଥିଲା। ୨୦୧୯ରେ ରାଜ୍ୟ ଅଧିକ ଭଲ ପ୍ରଦର୍ଶନ ସହ ଦଶମ ସ୍ଥାନ ଅକ୍ତିଆର କରିଥିବା ବେଳେ ୨୦୨୦ରେ ଆଉ ଦୁଇ ସ୍ଥାନ ଉପରକୁ ଚଢ଼ି ୮ ନମ୍ବରରେ ପହଞ୍ଚିଥିଲା। ତେବେ ୨୦୨୧ରେ ଓଡ଼ିଶା ବଡ଼ ଲମ୍ଫ ମାରିଛି। ସିଧା ୫ଟି ସ୍ଥାନ ଉପରକୁ ଉଠି ଷ୍ଟାର୍ ତାଲିକାରେ ନିଜକୁ ସାମିଲ୍ କରିଛି। ସମ୍ପୂର୍ଣ୍ଣ ରାଙ୍କିଂ ଉପରେ ନଜର ପକାଇଲେ, ଆନ୍ଧ୍ରପ୍ରଦେଶ ଗତବର୍ଷ ଭଳି ଏଥର ମଧ୍ୟ ଶୀର୍ଷ ସ୍ଥାନ ବଜାୟ ରଖିଛି। ପଶ୍ଚିମବଙ୍ଗ ୩ ନମ୍ବରରୁ ଗୋଟିଏ ସ୍ଥାନ ଉପରକୁ ଉଠି ଏଥର ଦୁଇରେ ରହିଛି। ଓଡ଼ିଶା ୩ ନମ୍ବରରେ ରହିଥିବା ବେଳେ ଗୁଜୁରାଟ ଦୁଇଟି ସ୍ଥାନ ତଳକୁ ଖସି ୪ରେ ରହିଛି। ଅନ୍ୟପଟେ ମହାରାଷ୍ଟ୍ର ୨ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅକ୍ତିଆର କରିଛି। ଏହି ଶୀର୍ଷ ୫ ରାଜ୍ୟ ଷ୍ଟାର ତାଲିକାରେ ରହିଛନ୍ତି। ତେଲେଙ୍ଗାନା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଆସାମ ଓ ହିମାଚଳ ପ୍ରଦେଶ ଯଥାକ୍ରମେ ରାଙ୍କିଂରେ ୬ରୁ ୧୦ ନମ୍ବର ସ୍ଥାନରେ ରହିଛନ୍ତି। ତେଲେଙ୍ଗାନା ୩ଟି ସ୍ଥାନ ଉପରକୁ ଉଠିଥିବା ବେଳେ ଉତ୍ତର ପ୍ରଦେଶ ଗୋଟିଏ ଏବଂ ମଧ୍ୟପ୍ରଦେଶ ୩ଟି ସ୍ଥାନ ତଳକୁ ଖସିଛି। ଆସାମ ୧୪ଟି ସ୍ଥାନ ଉପରକୁ ଉଠି ୨୩ ନମ୍ବରରୁ ୯ ସ୍ଥାନରେ ପହଞ୍ଚିଛି। ସେହିଭଳି ହିମାଚଳ ପ୍ରଦେଶ ୬ଟି ସ୍ଥାନ ଉପରକୁ ଉଠି ଏଥର ୧୦ ନମ୍ବରରେ ରହିଛି। ଏହି ପାଞ୍ଚ ରାଜ୍ୟ ପର୍ଫମର୍ ଲିଷ୍ଟରେ ରହିଛନ୍ତି। ଏହି ରାଙ୍କିଂରେ ଆସାମ ପଛକୁ ଓଡ଼ିଶା ଓ ହିମାଚଳ ପ୍ରଦେଶର ପ୍ରଦର୍ଶନ ସବୁଠୁ ଜବରଦସ୍ତ ରହିଛି। ଜାମ୍ମୁ କାଶ୍ମୀର ଓ ଛତିଶଗଡ଼ ମଧ୍ୟ ତାଲିକାରେ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ତାମିଲନାଡୁ ଶୀର୍ଷ ୧୦ରୁ ବାଦ୍ ପଡ଼ିଛି। ଷ୍ଟାର୍ କାଟାଗୋରୀରେ ଥିବା ଶୀର୍ଷ ପାଞ୍ଚ ରାଜ୍ୟ କୃଷି, ଇଜ୍ ଅଫ୍ ଡୁଇଂ ବିଜନେସ୍, ବିଜୁଳି ଓ ଶକ୍ତି, ସାମାଜିକ ନ୍ୟାୟ ଓ ସୁରକ୍ଷା ଏବଂ ଜଳ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛନ୍ତି। ତେବେ ଏହି ସବୁ ରାଜ୍ୟ ସାଧାରଣ ପ୍ରଶାସନ, କୃଷି, ଜିଲ୍ଲା ପ୍ରଶାସନ, ପୁଲିସ ଓ ସୁରକ୍ଷା ଏବଂ ପୌର ପ୍ରଶାସନ ଆଦି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିନାହାନ୍ତି। କୃଷି କ୍ଷେତ୍ରରେ ପାଞ୍ଚ ରାଜ୍ୟର ପ୍ରଦର୍ଶନ ଗତ ବର୍ଷ ଥିବା ୧.୩%ରୁ ଏଥର ୫.୨%କୁ ବୃଦ୍ଧିପାଇଛି। ଇଜ୍ ଅଫ୍ ଡୁଇଂ ବିଜନେସ୍ କ୍ଷେତ୍ରରେ ମଧ୍ୟ ୫.୬% ଉନ୍ନତି ଆସିଛି। ଏହାବାଦ୍ ଜଳ କ୍ଷେତ୍ରରେ ୫.୨%, ଶକ୍ତି ଓ ବିଜୁଳି କ୍ଷେତ୍ରରେ ୧.୮%, ଶିକ୍ଷା କ୍ଷେତ୍ରରେ ୨.୧% ଓ ନଗର ଉନ୍ନୟନ କ୍ଷେତ୍ରରେ ୧.୪% ବୃଦ୍ଧି ଏହି ପାଞ୍ଚ ରାଜ୍ୟ ମିଶିକରି ହାସଲ କରିଛନ୍ତି। ଅନ୍ୟପଟେ ସାଧାରଣ ପ୍ରଶାସନ କ୍ଷେତ୍ରରେ ୧.୬%, ସ୍ୱାସ୍ଥ୍ୟ କ୍ଷେତ୍ରରେ ୨.୩%, ଜିଲ୍ଲା ପ୍ରଶାସନରେ ୧୫.୨%, ପୁଲିସ ଓ ସୁରକ୍ଷା କ୍ଷେତ୍ରରେ ୧୦.୮%, ପୌର ପ୍ରଶାସନରେ ୩.୩%, ଇ-ଗଭର୍ଣ୍ଣାନ୍ସରେ ୧.୭%, ପରିମଳ କ୍ଷେତ୍ରରେ ୧.୨% ଲେଖାଏଁ ଗତବର୍ଷ ତୁଳନାରେ ହ୍ରାସ ହୋଇଛି।

## ସମ୍ପାଦକୀୟ...

ଛାତ୍ର ଏବଂ ଯୁବକ ଆମ ସମାଜର ଭବିଷ୍ୟତ । ଯାହାଙ୍କ କାନ୍ଧରେ ହାତ ରଖି ଆମେ ଆଗକୁ ଚାଲିବୁ ଆଉ ଯାହାଙ୍କ ଉଦ୍ୟମରେ ଗଢ଼ାହେବ ଉନ୍ନତ ତଥା ସମୃଦ୍ଧ ରାଷ୍ଟ୍ର । ସେମାନଙ୍କର ମାନସିକ ଓ ଭୌତିକ ବିକାଶରେ ଆମେ ଏକ ଶକ୍ତିଶାଳୀ ଆଗାମୀ ପିଢ଼ି ଗଢ଼ିପାରିବା । ବର୍ତ୍ତମାନର ମୁଳଦୂଆ ଉପରେ ଭବିଷ୍ୟତର ଇମାରତ୍ ଗଢ଼ିବା ପାଇଁ, ଆଜିଠାରୁ ନୀତିନିର୍ଦ୍ଧାରଣକାରୀ ସମୟୋଚିତ ନୀତି ଆପଣେଇଲେ ହିଁ ଏହା ସମ୍ଭବ ହୋଇପାରିବ । ଶିକ୍ଷା କହିଲେ କେବଳ ବିଦ୍ୟାଳୟ / ବିଶ୍ୱବିଦ୍ୟାଳୟର ବହିରେ ଥିବା ବିଷୟ ବସ୍ତୁକୁ ବୁଝାଏ ନାହିଁ, ଏହା ଶିକ୍ଷାର ଏକ ଅଂଶବିଶେଷ ମାତ୍ର । ପିଲାଟିକୁ ଏକ ସମୟୋଚିତ ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ ଯୁବକଟିଏ ଭାବରେ ଗଢ଼ି ତୋଳିପାରିଲେ, ଆମେ ଏକ ସୁଦୃଢ଼ ସମାଜର ସ୍ୱପ୍ନ ଦେଖିପାରିବା । ଏଥିପାଇଁ କେବଳ ଯେ ନୀତିନିର୍ଦ୍ଧାରଙ୍କ ଦାୟିତ୍ୱ ଏହା ନୁହେଁ । ପ୍ରଥମେ ଘର (ଗାଁ ବା ସହର) ଏବଂ ପରେ ସମାଜ ପିଲାଟିର ମନସ୍ତାତ୍ତ୍ୱିକ ପରିବେଶକୁ ବୁଝି ତାକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରିବା ଦରକାର । ଆମ ଘର ହିଁ ପ୍ରଥମ ବିଦ୍ୟାଳୟ, ଯେଉଁଠି ସମୃଦ୍ଧ ଭବିଷ୍ୟତ ଗଢ଼ିବା ପାଇଁ ସଂସ୍କାରର ପ୍ରଥମ ଶିକ୍ଷା ଆରମ୍ଭ ହୁଏ କାରଣ ମାନସିକ ବିକାଶର ପ୍ରକୃଷ୍ଟ ସମୟ ହିଁ କିଶୋର ଅବସ୍ଥା । ପିଲାଟି ଖେଳକୁଦ କରୁଥିବା ବେଳେ ଘର ଲୋକଙ୍କଠାରୁ ଅନେକ କିଛି ଶିକ୍ଷାଲାଭ କରିଥାଏ । କିଶୋର ଅବସ୍ଥାରୁ ଘରର ଗୁରୁଜନମାନେ ପିଲାଟିର ଉତ୍ସାହକୁ ଦେଖି ତା'ର ପାଠପଢ଼ା କଥା ଟିକେ ଚିନ୍ତା କରିବା କଥା । କେବଳ ବିଦ୍ୟାଳୟ ପାଠ ହିଁ ସର୍ବସ୍ୱ ନହେଉ । ବିଦ୍ୟାଳୟ ପାଠ ସହିତ ପିଲାଟି କୋଉଥିପାଇଁ ଅତ୍ୟଧିକ ଉତ୍ସାହିତ ହେଉଛି ତାକୁ ହିଁ ପ୍ରାଧାନ୍ୟ ଦେବା ଉଚିତ୍ । ଆଗ୍ରହ ତାକୁ ତା'ର ଲକ୍ଷ୍ୟସ୍ଥଳରେ ପହଁଚାଇବାକୁ ପ୍ରେରଣା ଯୋଗାଇଥାଏ, ତେଣୁ ପାଠ ସହିତ ତା'ର ଯେକୌଣସି କଳା ପ୍ରତି ଆକର୍ଷିତ ତାକୁ ଆମେ ପରିହାସ ନକରି ତା'ର ସଫଳ ଦିଗକୁ ତାକୁ ଜଣାଇବା ନିତ୍ୟାନ୍ତ ଆବଶ୍ୟକ । ଆମ ରାଜ୍ୟ ତଥା ଆମ ଦେଶ କଳାର ଦେଶ ଏବଂ କଳାର ପାଠ ହେଉଛି ଏକ ଅଂଶବିଶେଷ ମାତ୍ର । ନାଚ, ଗୀତ, ଖେଳ ଯୋଗୁ ହିଁ ପିଲାର ଏକାଗ୍ରତା ବୃଦ୍ଧି ପାଇଥାଏ । ତେଣୁ ଘରର ମୁଖ୍ୟମାନେ ନିଜର ପିଲାଙ୍କୁ ଯାନ୍ତ୍ରିକ ନକରି ଏକ ଭଲ ମଣିଷ ତିଆରି କରିବାର ପ୍ରକ୍ରିୟା ଆରମ୍ଭ କଲେ ଆମର ଆଗାମୀ ପିଢ଼ି ପୁଣି ଆମର ହୃତଗୌରବକୁ ଫେରାଇ ଆଣିବାରେ ସହାୟକ ହେବେ । ଏଥିପାଇଁ ନୀତି ନିର୍ଦ୍ଧାରକ, ପରିବାର ଏବଂ ସମାଜ ଛାତ୍ର ତଥା ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବାର ମାର୍ଗଦର୍ଶାଇ ଏକ ସୃଜନଶୀଳ, ଉନ୍ନତ ସମାଜ ଗଠନର ଭିତ୍ତିପ୍ରସ୍ତର ସ୍ଥାପନରେ ଜଣେଜଣେ କାରିଗର ହେବେ ବୋଲି ଆଶା ରଖୁଛୁ ।

ଜୟ ଜଗନ୍ନାଥ, ଜୟ ମା ଶାରଳା,
ବନ୍ଦେ ଉତ୍କଳ ଜନନୀ ।

# ଗାନ୍ଧିଜୀଙ୍କ ଦୃଷ୍ଟିରେ ଗ୍ରାମ ସ୍ୱରାଜ



ରବିନ୍ ଖଣ୍ଡାୟତରାୟ

ଆମ ସମାଜର ଅର୍ଥନୀତି ତଥା ଅହିଂସା ନୀତି ସାମାଜିକ ସମାନତା ପ୍ରଦାନରେ ପ୍ରମୁଖ ଭୂମିକା ଲିଭାଇଥାଏ । ଯାହାକୁ ସୁଦୃଢ଼ କରିବାକୁ ଗାନ୍ଧିଜୀ ଚାହୁଁଥିଲେ । ସେ କହୁଥିଲେ ଯେବେ ସମାଜରେ ସମାନତା ପାଇଁ କାର୍ଯ୍ୟ କରାଯାଏ; ତେବେ ଧନୀର ମୂଳଧନ ଆଉ ଶ୍ରମିକର ଶ୍ରମଦାନ ସାର୍ଥକ ହୋଇ ଦେଶ କଲ୍ୟାଣରେ ଲାଗିପାରିବ । ସର୍ବୋପରି ଧନୀ-ନିର୍ଦ୍ଧନ ତାରତମ୍ୟ କ୍ରମଶଃ ହ୍ରାସପାଇବ ।

ଗ୍ରାମ ସ୍ୱରାଜର ଆଦର୍ଶ ଆଚରଣ ସଂହିତା-

୧. ଶ୍ରେଷ୍ଠ ମାନବ ସମ୍ପଦ :- ମଣିଷର ସୁଖ ତା'ର ମାନସିକ ଶାନ୍ତି ଓ ନୀତିନିଷ୍ଠ ଚିନ୍ତାଧାରା ଉପରେ ନିର୍ଭର କରିଥାଏ । ଯେଉଁ ଚିନ୍ତା ଓ ଚେତନା ପାଇଁ ଆଧ୍ୟାତ୍ମିକତାକୁ ଗାନ୍ଧିଜୀ ପ୍ରାଧାନ୍ୟ ଦେଇଛନ୍ତି । ନୀତିନିଷ୍ଠ ମାନବ ଜଣେ ଜଣେ ପୃଥିବୀର ଶ୍ରେଷ୍ଠ ସମ୍ପଦ; ଯାହାଙ୍କ ମାଧ୍ୟମରେ ଦେଶ ଜାତିର ଉନ୍ନତି ସମ୍ଭବ ହୋଇଥାଏ । ଈଶ୍ୱର ପ୍ରଦତ୍ତ ଜଳ, ବାୟୁରେ ସମସ୍ତଙ୍କର ସମାନ ଅଧିକାର ରହିଛି । ଏହି କ୍ଷେତ୍ରରେ କାହାର ସ୍ୱେଚ୍ଛାଚାରିତା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ମାନବ ସମ୍ବଳର ସଦୁପଯୋଗ ହିଁ ଦେଶ ପ୍ରଗତିର ସାରଥୀ ପାଲଟିଥାଏ; କାରଣ ସବୁଠାରୁ ଉତ୍କୃଷ୍ଟ ସମ୍ପଦ ହେଉଛି ମାନବ ସମ୍ପଦ, ତାହାକୁ ଯେଉଁ ଦେଶ ଯେତେ ମାତ୍ରାରେ ଉପଯୋଗ କରିପାରିଛି, ସେ ଦେଶ ସେତେ ସମୃଦ୍ଧ ହୋଇପାରିଛି । ପକ୍ଷୀମାନଙ୍କ ପାଇଁ ଯେପରି ଦିଗ୍‌ବଳୟର ସୀମା ନିର୍ଦ୍ଧାରଣ କରାଯାଇ ନାହିଁ; ମାନବମାନଙ୍କ ପାଇଁ ମଧ୍ୟ ସେହିପରି ନିଜର ଆବଶ୍ୟକତା ପୁରଣ ଲାଗି କୌଣସି ନୀତି ନିର୍ଦ୍ଧାରଣର ପ୍ରାଚୀର ରହିବା ଉଚିତ୍ ନୁହେଁ । ସମାଜର ସବୁ ସ୍ତରରେ ରହିଥିବା ପ୍ରତ୍ୟେକ ମଣିଷମାନଙ୍କ ପାଇଁ ଏହିପରି ସମାନତା ଅଧିକାର ପ୍ରଦାନ ଗ୍ରାମ ସ୍ୱରାଜର ଅସଲ ଉଦ୍ଦେଶ୍ୟ ।

୨. ଶାରୀରିକ ଶ୍ରମ :- ଶାରୀରିକ ପରିଶ୍ରମ ନକରି ଜଣେ ଖାଦ୍ୟ ଖାଇବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ଗାନ୍ଧିଜୀ ପ୍ରଶ୍ନ ଉଠାଇଥିଲେ । ତାଙ୍କ ମତରେ ତ୍ୟାଗ ହିଁ ମାନବ ଜୀବନର ଆଧାର । ଯଦି ସମସ୍ତେ ନିଜନିଜର ଖାଦ୍ୟ ଉତ୍ପାଦନ ପାଇଁ ଶାରୀରିକ ଶ୍ରମଦାନ କରନ୍ତି, ତେବେ ଦୁନିଆରେ ଖାଦ୍ୟର ଅଭାବ ରହିବ ନାହିଁ କି ତଦ୍‌ଜନିତ ସମସ୍ୟା ମଧ୍ୟ ସୃଷ୍ଟି ହେବନାହିଁ । ଯାହାର ପ୍ରତିବଦଳରେ ସମାଜରେ ରୋଗର ପ୍ରଭାବ ହ୍ରାସ ପାଇବା ସହିତ ଅବସର ବିନୋଦନ ନିମିତ୍ତ ମଧ୍ୟ ସମୟ, ସୁଯୋଗ ସୃଷ୍ଟି ହୋଇପାରିବ । ଏପରିକି ଶାରୀରିକ ଶ୍ରମ ମାନସିକ ଦୁଶ୍ଚିନ୍ତାକୁ ପ୍ରତିହତ କରି, ସମାଜରେ ଉତ୍ତମ ଚିନ୍ତାଧାରାକୁ ବିକଶିତ କରିପାରିବ । କର୍ମରେ ଶ୍ରଦ୍ଧା ରହିଲେ, ଆମେ ସହଜରେ ଅନେକ ବାଧା ବନ୍ଧନକୁ ଅତିକ୍ରମି ଯାଇପାରିବା । ସ୍ୱରାଜ ଯୁକ୍ତ ସମାଜରେ; ସାନ-ବଡ଼, ଧନୀ-ଗରିବ, ଉଚ୍ଚ-ନିଚ ତଥା ଛୁଆଁ-ଅଛୁଆଁର ଭେଦଭାବ ନଥିବ; ଆଉ କର୍ମକୁ ଗୁରୁତ୍ୱ ଏବଂ ଶ୍ରମକୁ ମହତ୍ୱ ପ୍ରଦାନକରି ଦୁନିଆରେ ସୁଖ, ଶାନ୍ତି ସମାଗମ ହେଉଥିବ ।

୩. ସମାନତା :- ସାମାଜିକ ସୁରକ୍ଷା ତଥା ଅର୍ଥନୈତିକ ସଶକ୍ତିକରଣ ତଥା ସନ୍ତୁଳନ ମାଧ୍ୟମରେ ଦେଶର ପ୍ରକୃତ ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ମହାତ୍ମାଙ୍କର ମତ ଥିଲା । ସେ ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଚାହୁଁଥିଲେ । ଆମ ସମାଜର ଅର୍ଥନୀତି ତଥା ଅହିଂସା ନୀତି ସାମାଜିକ ସମାନତା ପ୍ରଦାନରେ ପ୍ରମୁଖ ଭୂମିକା ଲିଭାଇଥାଏ । ଯାହାକୁ ସୁଦୃଢ଼ କରିବାକୁ ଗାନ୍ଧିଜୀ ଚାହୁଁଥିଲେ । ସେ କହୁଥିଲେ ଯେବେ ସମାଜରେ ସମାନତା ପାଇଁ କାର୍ଯ୍ୟ କରାଯାଏ; ତେବେ ଧନୀର ମୂଳଧନ ଆଉ ଶ୍ରମିକର ଶ୍ରମଦାନ ସାର୍ଥକ ହୋଇ ଦେଶ କଲ୍ୟାଣରେ ଲାଗିପାରିବ । ସର୍ବୋପରି ଧନୀ-ନିର୍ଦ୍ଧନ ତାରତମ୍ୟ କ୍ରମଶଃ ହ୍ରାସପାଇବ । ଯଦିଓ ଦେଶରେ ଭୋକିଲା ଆଉ ଧନୀକଙ୍କ ମଧ୍ୟରେ ସଂଗ୍ରାମ ଲାଗିରହୁଛି; ଏହି ପରିସ୍ଥିତିରେ ଏହା ଏକ କଷ୍ଟକର ବ୍ୟାପାର ହୋଇପାରେ ! ତଥାପି ଅସମ୍ଭବ ନୁହେଁ । ତେଣୁ ଆମେ ଆମ ଲକ୍ଷ୍ୟପଥରେ ନିରନ୍ତର ଅଗ୍ରସର ହେବା ପାଇଁ ସେ ପରାମର୍ଶ ଦେଉଥିଲେ । ସମସ୍ତଙ୍କୁ ସମାନତା ଅଧିକାର ପ୍ରଦାନ କରି ସେ ଚାହୁଁଥିଲେ ଗାଁର ଆବଶ୍ୟକତା ଗ୍ରାମବାସୀମାନଙ୍କ ଦ୍ୱାରା ପୁରଣ ହେଉ । ଖାଦ୍ୟ, ବସ୍ତ୍ର ତଥା ବାସଗୃହ ନିର୍ମାଣରେ ସେମାନେ ନିଜେ ସ୍ୱାବଲମ୍ବୀ ହୁଅନ୍ତୁ । ଗ୍ରାମୀଣ ଜନତା ନିଜ ଅଂଚଳର କୁଟୀର ଶିଳ୍ପକୁ ଛାଡ଼ି ସହରାଭିମୁଖୀ ନହେଉ । ଆଉ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହେଉଛି, ସେମାନେ ସର୍ବଦା ମାନସିକ ସମାନତା ବଜାୟ ରଖନ୍ତୁ । ଛୁଆଁ ଅଛୁଆଁ ଭେଦଭାବ ରହିତ ତଥା ଧନୀ-ଗରିବ ବାଛବିଚାର ବିହୀନ ସମାଜ ଗଠନରେ ନିଜକୁ ସାମିଲ୍ କରନ୍ତୁ । ସମସ୍ତଙ୍କ ସହଯୋଗରେ ଗାଁ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ସବୁକିଛି ପରିବର୍ତ୍ତିତ ହୋଇଯାଉ ସେଥିପାଇଁ ଗ୍ରାମ ସ୍ୱରାଜର ପରିକଳ୍ପନା କରିଥିଲେ ଗାନ୍ଧିଜୀ ।



୪. ଆସ୍ଥା ଓ ବିଶ୍ୱାସ :- ସମାଜ ଉପରେ ସାଧାରଣ ଜନତାଙ୍କର ଆସ୍ଥା ଓ ବିଶ୍ୱାସ ସ୍ଥାପନ ଦ୍ୱାରା ସମାଜର ପ୍ରଗତି ସମ୍ଭବ ହୋଇଥାଏ । ଆଉ ସାମାଜିକ ପ୍ରାଣୀ ହିସାବରେ ମାନବମାନଙ୍କର ଜୀବନ ମଧ୍ୟ ସୁଖମୟ ହୋଇଥାଏ । ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସ ସ୍ଥାପନ ହେବା ଫଳରେ; ସତ୍ୟ ଅହିଂସା ସଂସାରରେ ଅଧିକ କ୍ରିୟାଶୀଳ ହୋଇଥାଏ ଆଉ ପ୍ରତିଟି ଜୀବନ ପାଇଁ ମହୋଷଧି ଭାବରେ କାମ କରିଥାଏ । ଗାନ୍ଧିଜୀଙ୍କ ମତରେ, ସମାଜର ଯେ କେହି ଧନୀକ ବର୍ଗ ଗରିବମାନଙ୍କ ସହାୟତା ବିନା ଅର୍ଥ ରୋଜଗାର କରିପାରିବେ ନାହିଁ । ତେଣୁ ଧନୀକଗଣ ଗରିବମାନଙ୍କ ପ୍ରତି ସଦାବେଳେ ମୁରବୀ ମନୋଭାବ ପୋଷଣ ନକରି; କିମ୍ବା ସେମାନଙ୍କ ପ୍ରତି ଅସୂୟା ନହୋଇ ବରଂ ସେମାନଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିପାରିଲେ, ତାହା ଉଭୟଙ୍କ ଜୀବନ ପାଇଁ ଫଳପ୍ରଦ ହୋଇପାରିବ ।

୫. କ୍ଷମତାର ବିକେନ୍ଦ୍ରିକରଣ:- ଗାନ୍ଧିଜୀ କହୁଥିଲେ ଭାରତ ଯଦି ଅହିଂସା ପଥର ଯାତ୍ରୀ ହୋଇ ନିଜର ସୁଖ ସମୃଦ୍ଧି କାମନା କରୁଥାଏ; ତେବେ କ୍ଷମତାର ବିକେନ୍ଦ୍ରିକରଣ ହେବା ଜରୁରୀ । କାରଣ କ୍ଷମତାର ଏକତ୍ରୀକରଣ, ସମାଜରେ ହିଂସା, ଦ୍ୱେଷ ସୃଷ୍ଟି କରୁଥିବା ବେଳେ; ବିକେନ୍ଦ୍ରିକରଣ ମନମୂଳକର ମୂରବୀପଣିଆକୁ ଭାଙ୍ଗି ଦେଇଥାଏ । ଦେଖାଯାଛି, ଆମ ସମଜରେ ସାଧାରଣ ଲୋକଙ୍କର ବାସଗୃହମାନ ସମସ୍ତଙ୍କ ପାଇଁ ମୁକ୍ତ ରହୁଥିବା ବେଳେ; ଧନୀମାନଙ୍କର ରାଜଉଆସକୁ ଚତୁର୍ଦ୍ଦିଗରୁ ପ୍ରହରୀ ଘେରି ରହିଥାଆନ୍ତି । କାରଣ ସେମାନଙ୍କ ପାଖରେ କିଛି ବଳକା ଧନ ସଂଚିତ ଥାଏ ଆଉ ଯାହାପାଇଁ ସେମାନଙ୍କ ଜୀବନ ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ରହିଥାଏ । ତେବେ ଗ୍ରାମ ସ୍ୱରାଜର ପ୍ରବର୍ତ୍ତନ ଫଳରେ ସବୁବର୍ଗମାନଙ୍କ ମନରେ ସୁଖଶାନ୍ତି ସମାଗମ ହେବାର ଆଶା ବ୍ୟକ୍ତ କରିଥିଲେ ବାପୁଜୀ । **(କ୍ରମଶ...)**

---



# ନାରୀ



ଦେବହୂତି ପଟ୍ଟନାୟକ

ମହାଭାରତରେ କୁହାଯାଇଛି 'ଧର୍ମ, ଅର୍ଥ, କାମ ଓ ମୋକ୍ଷର କାର୍ଯ୍ୟକାରିତା ପାଇଁ-ସ୍ତ୍ରୀ ହେଉଛି ସ୍ୱାମୀର ଆଧ୍ୟାତ୍ମିକ ମାର୍ଗର ସାରଣୀ ।' ବୁଦ୍ଧିମତୀ, ସୁଶୀଳା ସ୍ତ୍ରୀ ତାର କର୍ମକୁଶଳତା ଓ ସତପରାମର୍ଶ ଦ୍ୱାରା ସ୍ୱାମୀମାନଙ୍କୁ ପଶୁସ୍ତରରୁ ପଶୁପତିସ୍ତରକୁ ନେଇପାରିବେ ଓ ସେମାନଙ୍କ ନାସ୍ତିକ ହୃଦୟକୁ ମଧ୍ୟ ପରିବର୍ତ୍ତିତ କରିପାରିବେ ।

ନାରୀ ହେଉଛି ଶକ୍ତିସ୍ୱରୂପା ଓ ଈଶ୍ୱରଙ୍କର ପ୍ରତିଭୂ । ଆମର ପ୍ରାଚୀନ ଶାସ୍ତ୍ର ପୁରାଣରେ ନାରୀକୁ ଗୃହର ସମୃଦ୍ଧିର ଦେବୀ ବୋଲି ଆଖ୍ୟା ଦିଆଯାଇଥାଏ । ସେ ଗୃହର ଗୃହିଣୀ, ଧର୍ମପତ୍ନୀ, ଗୃହଲକ୍ଷ୍ମୀ ଓ ପୁରୁଷର ଅର୍ଦ୍ଧାଙ୍ଗିନୀ । ନାରୀ ପୁରୁଷଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ ବରଂ ବହୁଗୁଣରେ ପୁରୁଷଠାରୁ ଉର୍ଦ୍ଧ୍ୱରେ ରହିଅଛି । ଈଶ୍ୱର ତାକୁ ଜନ୍ମତଃ ଆତ୍ମସଂଯମ, ଧୈର୍ଯ୍ୟ, ସହିଷ୍ଣୁତା ଓ ପ୍ରେମ ଆଦି ବହୁ ଦିବ୍ୟଗୁଣରେ ଭୂଷିତା କରିଛନ୍ତି । ଗୃହ ପରିବାରକୁ ଆଧାର କରି ହୋଇଥାଏ ଏବଂ ଏ ପରିବାରର ସୃଷ୍ଟିକାରିଣୀ ହିଁ ନାରୀ । ଏହି ଘରଟିକୁ ସେ ତା'ର ତ୍ୟାଗ, ତପସ୍ୟା ପ୍ରେମ ଓ ଆତ୍ମଦାନରେ ବୈକୁଣ୍ଠରେ ପରିଣତ କରିପାରେ । ଭଗବାନ ସତ୍ୟସାଇ ବାବା କୁହନ୍ତି- 'ସ୍ୱର୍ଗ ବୋଲି କୌଣସି ଏକ ସ୍ୱତନ୍ତ୍ର ସ୍ଥାନ ନାହିଁ ଯେଉଁଠାରେ କି ସର୍ବଦା ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଘିଅ ମହୁର ସ୍ରୋତ ପ୍ରବାହିତ ହେଉଥାଏ, ସ୍ୱର୍ଗର ଦିବ୍ୟ ବାତାବରଣକୁ ମନୁଷ୍ୟ ତା'ର ଗୁଣ ଆଚରଣଦ୍ୱାରାଏହି ଜୀବନକାଳ ମଧ୍ୟରେ ମର୍ତ୍ତ୍ୟରେ ହିଁ ପାଇପାରନ୍ତା । ଗୃହିଣୀ ଯଦି ଜ୍ଞାନବତୀ, ସଂସ୍କୃତି ସମ୍ପନ୍ନା ଓ ସଦାଚାରୀ ସିଦ୍ଧା ହୋଇଥିବେ ତେବେ ତାଙ୍କ ପ୍ରଭାବରେ ଗୃହବାସୀ ସର୍ବଦା ସଦାଚାରୀ, ଦେହ ଓ ମନରେ ସୁସ୍ଥ ଓ ସମନ୍ୱିତ ତଥା ସ୍ନେହ, ପ୍ରେମ ଓ ନିର୍ମଳ ଭାବ ବିନିମୟ ଦ୍ୱାରା ସମଗ୍ର ପରିବାରର ସଦସ୍ୟମାନଙ୍କ ସହ ଏକତ୍ର ହୋଇ କାଳାତିପାତ କରିଥାନ୍ତି । ଏହି ଗୃହଟିକୁ ଦେଖିବା ମାତ୍ରେକେ ମନରେ ଏକ ଧରା ସ୍ୱର୍ଗର ଧାରଣା ଆସେ । ଯେଉଁ ଗୃହିଣୀମାନେ ସୁଶିକ୍ଷିତା ଓ ସଂସ୍କୃତି ସମ୍ପନ୍ନା, ପ୍ରେମଶୀଳା ଓ ସେମାନଙ୍କର କଥା ଓ କାର୍ଯ୍ୟ ଧର୍ମାନୁସାରୀ ହେଉଛି କି ନାହିଁ ସେ ବିଷୟରେ ସତତ ସଚେତନ ସେମାନେ ସାକ୍ଷାତ୍ ଲକ୍ଷ୍ମୀ ଦେବୀଙ୍କ ପରି । ଏପରି ନାରୀମାନଙ୍କୁ ପରିବାରରେ ସମସ୍ତେ ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କରନ୍ତି । ମହର୍ଷି ମନୁ କହିଛନ୍ତି, 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତାଃ' । ନାରୀପ୍ରତି ଆଦର ସମ୍ମାନ ଫଳରେ ସେଠାରେ ଦେବତାମାନେ ବିଚରଣ କରନ୍ତି । ଅର୍ଥାତ୍ ସେ ପରିବାରର ସମସ୍ତେ ଦେବୀ ଓ ଦେବତା ତୁଲ୍ୟ ଆଚରଣ କରନ୍ତି । ଭାରତୀୟ ପରମ୍ପରାରେ ନାରୀର ଶ୍ରେଷ୍ଠ ପରିଚୟ ହେଉଛି ସେ ମାତୃସ୍ୱରୂପିଣୀ । ତ୍ୟାଗପୂତ ମାତୃତ୍ୱ ତା'ପାଇଁ ଭଗବାନଙ୍କର ଏକ ଦିବ୍ୟ ଅବଦାନ । ନାରୀ ସୃଜନୀ ଶକ୍ତିର ଆଧାର । ଗୃହ ସ୍ୱର୍ଗରେ କୁଳପ୍ରଦୀପ ତୁଲ୍ୟ ଦେବୀ ଓ ଦେବତା ମାନଙ୍କୁ ଜନ୍ମଦିଏ ନାରୀ । ନିଜର ତ୍ୟାଗ ଓ ପ୍ରେମ ବଳରେ ସେମାନଙ୍କୁ ସମୁଚିତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ବୈଜ୍ଞାନିକ, ଦାର୍ଶନିକ, ସନ୍ଥ, ସଂସ୍କାରକ ରୂପରେ ନିର୍ମାଣ କରି ସ୍ୱାମୀ କୁଳର ଯଶ ଓ ଗୌରବ ବୃଦ୍ଧି କରିଥାଏ । ଗୃହ ହେଉଛି ସକଳ ସତକର୍ମ, ସଦ୍‌ଭାବନା, ପ୍ରେମ କରୁଣା ଆଦି ମାନବିକ ମୂଲ୍ୟବୋଧ ଆଦିର ପ୍ରୟୋଗ କ୍ଷେତ୍ର । ନାରୀ ଧର୍ମ, ନୈତିକତା ଆଦିର ପ୍ରତିଷ୍ଠାତା ଓ ସଂସ୍କୃତି ଓ ପରମ୍ପରାର ଜାଗ୍ରତ ପ୍ରହରୀ । ବଳିଷ୍ଠ ଓ ସଂସ୍କୃତି ସମାଜ ନିର୍ଭରା କରେ ନାରୀ ଉପରେ । ସେଥିପାଇଁ ଗୃହିଣୀ ଭାବରେ ତାକୁ ସର୍ବଦା ସଚେତନ ରହିବାକୁ ହେବ । ଗୁରୁଜନମାନଙ୍କୁ ଭକ୍ତି, ଲଘୁଜନ ମାନଙ୍କ ଲାଗି ବାତ୍ସଲ୍ୟ ଓ ସୁପୋଷଣ, ପ୍ରତିବାସୀଙ୍କ ପ୍ରତି ପ୍ରେମ ସହଯୋଗ, ଅତିଥିମାନଙ୍କ ଲାଗି କ୍ଷମା ଓ ସହନଶୀଳତା, ପଶୁପକ୍ଷୀଙ୍କ ପାଇଁ ସେବା ଓ କରୁଣା ଆଦି ଦିବ୍ୟଗୁଣର ପ୍ରକଟନ ଲାଗି ଗୃହିଣୀ ହିଁ ସମସ୍ତଙ୍କର ଆଦର୍ଶ ଓ ପ୍ରେରଣାର ଉତ୍ସ ହେବା ଆବଶ୍ୟକ । ଏଥିନିମନ୍ତେ ଗୃହପତ୍ନୀ ପରିବାର ନିର୍ମାଣ କରନ୍ତି । ଯେଉଁ ଗୃହରେ ଗୃହିଣୀ ଆଦର୍ଶଚ୍ୟୁତ ସ୍ୱେଚ୍ଛାଚାରୀ, ନୀତିହୀନା ସେ ଗୃହନୁହେଁ ଶ୍ମଶାନ ସଦୃଶ । ଗୃହପତ୍ନୀ ପୁରୁଷର ଅର୍ଦ୍ଧାଙ୍ଗିନୀ ଓ ଧର୍ମପତ୍ନୀ ।

ମହାଭାରତରେ କୁହାଯାଇଛି 'ଧର୍ମ, ଅର୍ଥ, କାମ ଓ ମୋକ୍ଷର କାର୍ଯ୍ୟକାରିତା ପାଇଁ-ସ୍ତ୍ରୀ ହେଉଛି ସ୍ୱାମୀର ଆଧ୍ୟାତ୍ମିକ ମାର୍ଗର ସାରଣୀ ।' ବୁଦ୍ଧିମତୀ, ସୁଶୀଳା ସ୍ତ୍ରୀ ତାର କର୍ମକୁଶଳତା ଓ ସତପରାମର୍ଶ ଦ୍ୱାରା ସ୍ୱାମୀମାନଙ୍କୁ ପଶୁସ୍ତରରୁ ପଶୁପତିସ୍ତରକୁ ନେଇପାରିବେ ଓ ସେମାନଙ୍କ ନାସ୍ତିକ ହୃଦୟକୁ ମଧ୍ୟ ପରିବର୍ତ୍ତିତ କରିପାରିବେ । ଏହା ସହିତ ସମସ୍ତ ବିପତ୍ତି ସମୟରେ ମିତ୍ର ତୁଲ୍ୟ ତ୍ୟାଗ ଓ ସହାୟତା କରିବାରେ ପଶ୍ଚାତ୍‌ପଦ ହେବେନାହିଁ । ମାତ୍ର ଆଜିକାଲି ଦେଖାଯାଉଛି ଗୃହିଣୀମାନେ ସଦାଚରୀ ନୀତିପରାୟଣ ଗୃହସ୍ଥ ମାନ୍‌ଙ୍କୁ ନିଜର କାମନାର ପରିପୂର୍ତ୍ତି ଲାଗି ଆଧ୍ୟାତ୍ମିକ ମାର୍ଗରୁ ପ୍ରବୃତ୍ତିସର୍ବସ୍ୱ ବିଷୟ ବାସନାର ଅସତ୍‌ପଥକୁ ଟାଣି ଆଣିବାକୁ ଚେଷ୍ଟା କରୁଛନ୍ତି । ଏହିପରି ଗୃହ, ଗୃହ ପଦବାଚ୍ୟ ନୁହେଁ । ଏହା ଏକ ନର୍କ । ଯେଉଁଠି କେବଳ ଭୂତ ପ୍ରେତ ବାସକରନ୍ତି । ଗୃହିଣୀ ହିଁ ଗୃହ ଅଟେ । ବଂଶଧରଙ୍କର ସୁରକ୍ଷା ଓ ବଂଶର ସମୃଦ୍ଧିର ସୁରକ୍ଷା ତା'ର ପରମ ଧର୍ମ ଅଟେ । ଗୃହ କହିଲେ ପୁରୁଷର ଗୋଟିଏ ଘର କିନ୍ତୁ ନାରୀର ଦୁଇଟି ଘରଥାଏ । ନିଜର ଜନ୍ମସ୍ଥାନ ସ୍ୱଗୃହ ଓ ଶ୍ୱଶୁରାଳୟ ପତିଗୃହ ଓ ଦୁଇଟି ଘରର ସମ୍ମାନ ଓ ଦୁର୍ନାମ ଏହି ନାରୀ ଉପରେ ହିଁ ନିର୍ଭର କରେ । କଥାଅଛି । 'ଦୁହିତା । ଦୁଇକୂଳକୁ ହିତା ନ ହେଲେ ପିତା ।' ଏହି କାରଣରୁ ଭାରତୀୟ ପରମ୍ପରାରେ କନ୍ୟା ପତିଗୃହକୁଯିବା ପୂର୍ବରୁ ମାତା ଓ ଅନ୍ୟାନ୍ୟ ଗୁରୁଜନମାନେ ତାକୁ ଉତ୍ତମ ଗୃହିଣୀ ହେବାର ସବୁପ୍ରକାର ଶିକ୍ଷାଦେଇ ପଠାଉଥିଲେ, ବୈଦିକ ସାହିତ୍ୟରେ ମଧ୍ୟ ଏହାର ପ୍ରମାଣ ରହିଅଛି । ଆଜିର ଯୁଗ ଅନେକ ପ୍ରକାର ସମସ୍ୟା ମଧ୍ୟ ଦେଇ ଗତି କରୁଅଛି । ଅପସଂସ୍କୃତି ଓ ଆଧୁନିକତା ବ୍ୟାଧିଗ୍ରସ୍ତ ହୋଇ ସମାଜରେ ମୂଲ୍ୟବୋଧର ଭୟାବହ ଅବକ୍ଷୟ ଘଟିଅଛି । ଆଜିଠୁ ପଚାଶବର୍ଷ ପୂର୍ବେ ଗୃହର ଯେଉଁ ସଜ୍ଞାଥିଲା ତାହା ଆଜି ତମସାଛନ୍ନ ଏକ ନିଷ୍ପ୍ରାଣ ଆଶୟସ୍ଥଳୀ ବା ଧର୍ମଶାଳାରେ ପରିଣତ ହୋଇଅଛି । ଶିକ୍ଷାର ବହୁତ ପ୍ରସାର ହୋଇଛି । ସ୍ତ୍ରୀମାନେ ଅଧିକ ସଂଖ୍ୟାରେ ଉଚ୍ଚଶିକ୍ଷା ପାଉଛନ୍ତି ମାତ୍ର ଏହି ଶିକ୍ଷା ଗୃହୀଣି, ଗୃହଲକ୍ଷ୍ମୀ ବା ବତ୍ସଳା ଗଢିପାରୁନାହିଁ । ଏହା ଜୀବନ ଉପଯୋଗୀ ନହୋଇ ପୁରୁଷସହିତ ସମାସ୍କନ୍ଧ ହୋଇ ଜୀବିକାଅର୍ଜନ କାମରେ ଲାଗୁଛି । ଘରର ପିତାମାତା ଉଭୟ ଜୀବିକାର୍ଜନ ନିମନ୍ତେ ଘର ଛାଡି ବାହାରକୁ ଚଳିଯାଇଛନ୍ତି । ସନ୍ତାନମାନେ ଆୟା ବା ଭୃତ୍ୟ ଦାୟିତ୍ୱରେ ସମୟ କାଟୁଛନ୍ତି, ତାଙ୍କରି ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମଧ୍ୟ ଖାଉଛନ୍ତି, ରନ୍ଧନ ଓ ଖାଦ୍ୟ ପରିବେଷଣ ହୋଉଛି ମାତା ବା ଗୃହପତ୍ନୀଙ୍କର ପ୍ରଧାନ କାର୍ଯ୍ୟ । ସେମାନଙ୍କର ହସ୍ତପ୍ରସ୍ତୁତ ଖାଦ୍ୟ କେବଳ ଦେହକୁ ଖାଦ୍ୟସାର ଯୋଗାଏ ନାହିଁ ମନର ପରିପୁଷ୍ଟି ଲାଗି ସ୍ନେହ ମମତାର ଅମାପ ଜୀବନିକା ମଧ୍ୟ ଯୋଗାଇଥାଏ । ଇତିହାସ ପ୍ରମାଣ ଦିଏ ରାଣୀ ମଦଳସା ରାଣୀ ହୋଇମଧ୍ୟ ନିଜର ସନ୍ତାନଙ୍କୁ ନିଜହସ୍ତରେ ଖାଦ୍ୟ ପ୍ରସ୍ତୁତ କରି ଖୁଆଉଥିଲେ । ସୁଷମ ସାତ୍ତ୍ୱିକ ଓ ସୁସ୍ୱାଦୁ ଆହାର ଗୃହ ବ୍ୟତୀତ ଅନ୍ୟତ୍ର କୁତ୍ରାପି ଉପଲବ୍ଧ ନୁହେଁ ।

ଗୃହ ପରିସର, ସମାଜ ଓ ଦେଶର ପ୍ରଗତି ନିର୍ଭରକରେ ଉପଯୁକ୍ତ ନାରୀ ଶିକ୍ଷାଉପରେ । ଆଜିକାଲି ପିତାମାତାମାନେ ଝିଅମାନଙ୍କର ସ୍କୁଲ୍ କଲେଜ ଶିକ୍ଷାଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ମାତ୍ର ସେମାନେ ଝିଅମାନଙ୍କର ଶିକ୍ଷିତା ଓ ଉପାଧିଧାରୀ ହେଲେ ମଧ୍ୟ ଭବିଷ୍ୟତରେ ଯେ ତାକୁ ଏକ ଗୃହର ଭାରଗ୍ରହଣ କରିବାକୁ ହେବ ଓ ସନ୍ତାନ ସନ୍ତତିଙ୍କୁ ଜନ୍ମଦେଇ ସେମାନଙ୍କୁ ଉପଯୁକ୍ତ ନାଗରିକ କରି ଗଢିବାକୁ ହେବ, ଏ ବିଷୟରେ ତାକୁ କିପରି ସୁଦକ୍ଷ କରିବାକୁ ହେବ ସେ ବିଷୟରେ ଆଦୌ ସଚେତନ ହେଉନାହାଁନ୍ତି । ଶ୍ରୀ ସତ୍ୟସାଇ ବାବା କୁହନ୍ତି ନ୍ତମ୍ଁ କହୁନାହିଁ ଯେ ନାରୀମାନଙ୍କୁ ଶିକ୍ଷାଦେବା ଉଚିତ୍ ନୁହେଁ । ଆତ୍ମବିଦ୍ୟାର ଅଧିକାରିଣୀ ନାରୀମାନଙ୍କ ଦ୍ୱାରା ହିଁ ଏ ଦେଶ ତା'ର ପୂର୍ବ ଗୌରବ ଫେରି ପାଇପାରିବ । ଦେଶର ଅଖଣ୍ଡ ଶାନ୍ତି ଲାଗି ତା'ର ନାରୀମାନଙ୍କୁ ଏକ ନୀତିମୟ ଶିକ୍ଷାପଦ୍ଧତି କରିବାକୁ ଦେବା ନାରୀ ଶିକ୍ଷାର ଏହି ଦିଗଟି ଆଜି ଅତ୍ୟନ୍ତ ଅବହେଳିତ ହୋଇଥିବାରୁ ଦେଶର ନୈତିକତା ଭୁଷୁଡି ପଡିଛି ଓ ସମାଜରୁ ସୁଖ ଶାନ୍ତି ଅନ୍ତର୍ହିତ ହୋଇଅଛିନ୍ତ । ଆଜିକାଲିର ଶିକ୍ଷିତ ନାରୀମାନଙ୍କଠାରେ ସଂସ୍କୃତି ଲେଶମାତ୍ର ନାହିଁ । ସେମାନେ ଆଧ୍ୟାତ୍ମିକତାକୁ ଉପହାସ କରନ୍ତି । ଯେତେବେଳେ ଘର ଓ ପରିବାର ଚଳାଇବାର ପ୍ରଶ୍ନଉଠେ ସେମାନେ ସମ୍ପୂର୍ଣ୍ଣ ଅସହାୟ ହୋଇପଡନ୍ତି । ପ୍ରତ୍ୟେକ କାର୍ଯ୍ୟ କରିବାକୁ ଲାଜ । ସେମାନେ ଚାକର ବାକରଙ୍କ ଉପରେ ଏତେ ନିର୍ଭରଶୀଳ ହୋଇପଡୁଛନ୍ତି ଯେ ଘରଟା ତାଙ୍କପାଇଁ ଏକ ହୋଟେଲ ଭଳି ମନେ ହେଉଛି । ଆଜିର ଶକ୍ଷା କେବଳ ପତ୍ନୀ ତିଆରୀ କରିପାରୁଛି; ବତ୍ସଳା ଜନନୀ, ଧର୍ମପତ୍ନୀ ବା ଗୃହିଣୀ ତିଆରି କରି ପାରୁନାହାଁ । ଋଗ୍‌ଦେବ ମନ୍ତ୍ର କହିଛନ୍ତି- 'କାୟେ ଦସ୍ତଂ ମଘବନ ସେତୁଃ ଯୋନିଃ' 'ହେ ପରମାତ୍ମନା ପତ୍ନୀ ହିଁ ଗୃହ ଅଟୋ ସେ ସନ୍ତାନଉତ୍ପତ୍ତିର ଆଧାର' ଋଗ୍‌ଦେବ ଆହୁରୀ ମଧ୍ୟ ନାରୀକୁ ସଚେତନ କରି କହିଛି- 'ଅସ୍ମିନ୍ ଗୃହେ ଗାର୍ହପତାୟ ଜାଗୃହିଁ' ଅର୍ଥାତ୍- ହେ ଗୃହିଣୀ ଗୃହପତ୍ନୀ ଏହି ଘରର ଗୃହଧର୍ମ ପାଳନ ଲାଗି ସଦା ସଚେତନ ରୁହ । ଗୃହପତ୍ନୀର ସତୀତ୍ୱ କର୍ମକୁଶଳତା, ପବିତ୍ରତା ଓ ଆକର୍ଷଣ ସର୍ବସ୍ୱ । ତାହାର ସାତ୍ତ୍ୱିକତା ଓ ସଦା ସୁଶୀଳତା କୁଟୁମ୍ବକୁ ଆଶ୍ରୟ ଓ ଆନନ୍ଦ ପ୍ରଦାନ କରେ । ଗୃହିଣୀର ଆଶୀର୍ବାଦରୁ ମନୁଷ୍ୟର ବଂଶ ବିରାଦର ସୁରକ୍ଷିତ ରହେ । ମନୁଷ୍ୟ ସମାଜ ଜୀବିତ ଓ ସମୃଦ୍ଧ ହୁଏ । ଗୃହପତ୍ନୀର ଗର୍ଭରୁ ମହାତ୍ମା ସମ୍ରାଟ ସମସ୍ତେ ଜନ୍ମଲାଭ କରନ୍ତି । ପତ୍ନୀ ସରସ୍ୱତୀ, ସୌମ୍ୟତା, ପ୍ରୀତି ମାଧୁର୍ଯ୍ୟର ଆକର୍ଷଣୀୟ ଭଣ୍ଡାର ଗୃହିଣୀ । ପତି ପରାୟଣ ପତ୍ନୀର ସତପରାମର୍ଶ ଯୋଗୁ ବହୁ ପୁରୁଷ ଦାନବରୁ ଦେବତା, ଭ୍ରଷ୍ଟାଚରୀରୁ ସଦାଚରୀ, ଦୁରାତ୍ମାରୁ ମହାତ୍ମା ପାଲଟିଛନ୍ତି । ସେ ଗୃହବାସୀଙ୍କ ଲାଗି ପ୍ରେରଣାର ଉତ୍ସ ଓ ଶ୍ରେଷ୍ଠ ସେବିକା । ସେ ପତିଙ୍କର ଚରି ପୁରୁଷାର୍ଥ ଯଥା, ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ପୂର୍ଣ୍ଣକରେ ।

ପତ୍ନୀର ଛଅଟିଗୁଣକୁ ବର୍ଣ୍ଣନାକରି କବି ଲେଖିଛନ୍ତି : 'କାର୍ଯ୍ୟେଷୁ ମନ୍ତ୍ରୀ କରଣେଷୁ ଦାସୀ, ଭୋଜ୍ୟେଷୁ ମାତା ଶୟନେଷୁ ରମ୍ଭା / ଧର୍ମେନୁକୁଳା କ୍ଷମୟା ଧରିତ୍ରୀ, ଭାର୍ଯ୍ୟା ତେ ଗୁଣ୍ୟ ବତୀୟ ଦୁର୍ଲଭ ।'

ଜନନୀ ରୂପରେ ସେ ସନ୍ତାନ ଜନ୍ମ ଦେଇ ସୁପୁତ୍ରକୁ ଦୀପକ କରିବାଲାଗି ଅତୁଳନୀୟ ତ୍ୟାଗ ସ୍ୱୀକାର କରିଥାଏ । ନାରୀ ସୃଜନୀଶକ୍ତିର ଆଧାର ହୋଇଥବାରୁ ବେଦ କହେ, 'ଇଦଂ ପ୍ରିୟଂ ପ୍ରଜୟା ତେ ସମୃଧତମ୍' ସ୍ୱାମୀଙ୍କ କୂଳରେ ସନ୍ତାନ ରୂପୀ ଦିବ୍ୟ ଅବଦାନ ନେଇ ନିଜ ଗୃହରର ଶ୍ରୀବର୍ଦ୍ଧନ କରିଥାଏ,ଏହା ହିଁ ତାକୁ 'ସ୍ୱର୍ଗାଦପି ଗରୀୟସୀ' ର ମର୍ଯ୍ୟାଦା ଦେଇଥାଏ । ଜାୟା ଭାବରେ ସେ ସ୍ୱାମୀଙ୍କର ଶ୍ରେଷ୍ଠ ମିତ୍ର ହୋଇଥାଏ । ବୃଦ୍ଧ ଅକ୍ଷମ ଓ ରୁଗ୍‌ଣ ଲୋକମାନଙ୍କର ବନ୍ଧୁ ହିସାବରେ ସେବାକରିଣୀ ଓ ଦୁଃଖ ହାରୀଣୀର ଭୂମିକା ଲିଭାଇଥାଏ। । କିନ୍ତୁ ଅତି କ୍ଷୋଭର ବିଷୟ ଯେ ଆଜି ଅଧିକାଂଶ ଗୃହ ଓ ପରିବାର ହିଂସା, ଦ୍ୱେଷ, ଅସୂୟା ଓ ବିଭେଦ ଆଦି ଦୁରାରୋଗ୍ୟ ବ୍ୟାଧିରେ ବିପର୍ଯ୍ୟସ୍ତ ହୋଇପଡିଛି ।

ଏହାର ଅବସ୍ଥା ପରିବର୍ତ୍ତନ କରିବାକୁ ହେଲେ ଉଭୟ ଗୃହପତି ଓ ଗୃହପତ୍ନୀ ଏକ ଧର୍ମ ସଚେତନ ଜୀବନ ଯାପନ କରିବାକୁ ହେବ । ଗୃହକୁ ଏକ ମୂଲ୍ୟବୋଧର କର୍ମଶାଳାରେ ପରିଣତ କରିବାକୁ ପଡିବ । ଘରେ ସର୍ବଦା ପୂଜା, ଉପାସନା, ପ୍ରାର୍ଥନା ଧ୍ୟାନ ଆଦିର ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିପାରିଲେ ଗୃହ ମଧ୍ୟରେ ସର୍ବଦା ଶାନ୍ତି ଓ ସନ୍ତୋଷ ବିରାଜମାନ କରିପାରିବ । ଏ ଦିଗରେ ଗୃହିଣୀକୁ ଏକ ସଂଶୋଧିକା ଓ ସଂସ୍କାରିକା ଭାବରେ କାର୍ଯ୍ୟ କରିବାକୁ ହେବ । ପରିବାର ଲାଗି ଆଦର୍ଶ ଓ ସମାଜ ଲାଗି ଶୀଳତା ଅଟନ୍ତି । ଅଥର୍ବ ବେଦର ଋଷି କହିଛନ୍ତି 'ସୁମଙ୍ଗଳା ପ୍ରତରିଣୀ ଗୃହାଣାମ' ଗୃହରେ ଏକ ସୁସ୍ଥ ପବିତ୍ର ବାତାବରଣ ସୃଷ୍ଟି କରି ଗୃହ ଓ ଗୃହବାସୀଙ୍କର ଏ ଭବସାଗରରେ ତରଣୀର ପୋତ ସଦୃଶ ହୋଇପାରିବେ, କାରଣ ସେହିଁ ମୂଲ୍ୟବୋଧଭିତ୍ତିକ ସମାଜ ଗଠନ କରିପାରିବ ।

ଅଧ୍ୟାପିକା,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ.-୮୯୮୪୦୪୧୫୧୧ .

## ପୋଲାଣ୍ଡର କ୍ୟାରୋଲିନା ନୂଆ ବିଶ୍ୱ ସୁନ୍ଦରୀ




ସାନ୍ ଜୁଆନ: ପୋଲାଣ୍ଡର କ୍ୟାରୋଲିନା ବିଲାସ୍କା ୨୦୨୧ ମସିହା ପାଇଁ ବିଶ୍ୱ ସୁନ୍ଦରୀ ଟାଇଟଲ ହାସଲ କରିଛନ୍ତି। ଲାଟିନ୍ ଆମେରିକୀୟ ରାଷ୍ଟ୍ର ପ୍ୟୁଟୋ ରିକୋ ରାଜଧାନୀ ସାନ୍ ଜୁଆନ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୯୭ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ କ୍ୟାରୋଲିନା ଏହି ମୁକୁଟ ଜିତିଛନ୍ତି। ଅପରପକ୍ଷରେ ଆମେରିକାର ପ୍ରବାସୀ ଭାରତୀୟ ଶ୍ରୀ ସାଇନିଙ୍କୁ ୨ୟ ଏବଂ କୋଷ୍ଟାରିକାର ଅଲିଭିଆ ୟାସେଙ୍କୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୨୦୨୦ ମିସ୍ ଇଣ୍ଡିଆ ବିଜେତା ମନସା ବାରାନସୀଙ୍କୁ ୧୧ଶ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ୨୨ ବର୍ଷୀୟା କ୍ୟାରୋଲିନା ବିଜିନେସ୍ ମ୍ୟାନେଜମେଣ୍ଟ୍‌ରେ ସ୍ନାତକୋତ୍ତର ଡିଗ୍ରୀ ଛାତ୍ରୀ ଥିବା ଜଣାପଡିଛି। ୨୦୨୦ ବିଶ୍ୱ ସୁନ୍ଦରୀ ଆଖ୍ୟା ଜିତିଥିବା ଟୋନି-ଆନ୍ ସିଂହ ତାଙ୍କୁ ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧାଇଥିଲେ। ଏହି ପ୍ରତିଯୋଗିତା ୨୦୨୧ରେ ଆୟୋଜିତ ହେବାକୁ ଥିବାବେଳେ କୋଭିଡ୍ ଯୋଗୁଁ ୨୦୨୨କୁ ସ୍ଥଗିତ ରଖାଯାଇଥିଲା। ସୂଚନାଯୋଗ୍ୟ ୨୦୧୭ରେ ଭାରତର ମାନୁଷି ଛିଲ୍ଲାର ଶେଷଥର ପାଇଁ ବିଶ୍ୱ ସୁନ୍ଦରୀ ବିବେଚିତ ହୋଇଥିଲେ।

## ଦାରିଦ୍ର୍ୟର ସମ୍ମୁଖୀନ ହେବେ ୯୦% ୟୁକ୍ରେନ୍‌ବାସୀ

ଜେନିଭା: ଯଦି ରୁଷ୍ ପକ୍ଷରୁ ଆରମ୍ଭ ହୋଇଥିବା ଯୁଦ୍ଧ ୨୦୨୩ ପର୍ଯ୍ୟନ୍ତ ଲାଗିରହେ, ତେବେ ୟୁକ୍ରେନ୍‌ର ୯୦ ପ୍ରତିଶତ ନାଗରିକ ଘୋର ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ବୋଲି ଜାତିସଂଘ ସଂସ୍ଥା ୟୁଏନ୍‌ଡିପି (ୟୁନାଇଟେଡ ନେସ୍‌ନସ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ) ପକ୍ଷରୁ ଚେତାବନୀ ଦିଆଯାଇଛି। ବର୍ତ୍ତମାନ ଏହି ଯୁଦ୍ଧ ତିନି ସପ୍ତାହ ଅତିକ୍ରମ କରିସାରିଥିବାବେଳେ ୟୁକ୍ରେନ୍‌ର ଅର୍ଥନୀତି ଏକପ୍ରକାର ଧରାଶାୟୀ ହୋଇପଡିଲାଣି। ପ୍ରାୟ ୩୨ ଲକ୍ଷ ନାଗରିକ ଶରଣାର୍ଥୀଭାବେ ଏକାଧିକ ପଡୋଶୀ ରାଷ୍ଟ୍ରକୁ ପଳାୟନ କରିସାରିଛନ୍ତି। ଯେଉଁମାନେ କୌଣସି କାରଣବଶତଃ ଦେଶ ଛାଡି ଯାଇନାହାନ୍ତି, ସେମାନେ ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ନିଜ ପାଖରେ ପର୍ଯ୍ୟାପ୍ତ ଅର୍ଥ ନଥିବାବେଳେ ମାର୍କେଟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଘୋର ଅଭାବ ପରିଲକ୍ଷିତ ହେଉଛି। ରୁଷ୍ ପକ୍ଷରୁ ପ୍ରବଳ ବୋମାମାଡ ଅବ୍ୟାହତ ରହିଥିବାରୁ ଘରୁ ବାହାରିବା ଅସମ୍ଭବ ହୋଇପଡିଛି। ତେଣୁ ଏହି ଅବସ୍ଥା ଯଦି ଆଉ କିଛିମାସ ଲାଗିରହିବ, ତେବେ ୟୁକ୍ରେନ୍‌ର ୯୦ ପ୍ରତିଶତ ନାଗରିକ ଦାରିଦ୍ର୍ୟର ସୀମାରେଖା ତଳକୁ ଚାଲିଯିବା ନିଶ୍ଚିତ ବୋଲି ୟୁଏନ୍‌ଡିପି ପ୍ରଶାସକ ଅଚିମ୍ ଷ୍ଟିନର କହିଛନ୍ତି।

## ୫ ରାଜ୍ୟର ପିସିସି ସଭାପତି ବରଖାସ୍ତ

ନୂଆଦିଲ୍ଲୀ: କଂଗ୍ରେସର ଅନ୍ତରୀଣ ସଭାପତି ସୋନିଆ ଗାନ୍ଧୀ ୫ଟି ରାଜ୍ୟର ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ବରଖାସ୍ତ କରିଛନ୍ତି। ଏହି ରାଜ୍ୟଗୁଡିକ ହେଲା ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ଗୋଆ। ସଦ୍ୟ ସମାପ୍ତ ଏହି ୫ ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସ ଦୟନୀୟ ପ୍ରଦର୍ଶନ କରିବାପରେ କଂଗ୍ରେସ ହାଇକମାଣ୍ଡ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଇଛି। ଅପରପକ୍ଷରେ ଦଳର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ କରି ସୋନିଆ ଆହୁରି କହିଛନ୍ତି ଯେ ଦଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାହୁଲ ଓ ପ୍ରିୟଙ୍କାଙ୍କ ସମେତ ନିଜେ ସବୁ ପଦପଦବୀରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି କହିଥିବାବେଳେ ଦଳର ଅନ୍ୟ ବରିଷ୍ଠ ନେତାମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

## 'ଦି କଶ୍ମୀର ଫାଇଲ୍‌ସ' ପାଇଁ ସରକାରୀ କର୍ମଚାରୀଙ୍କୁ ଅଧାଦିନ ସ୍ୱତନ୍ତ୍ର ଛୁଟି

ଗୁଆହାଟୀ: ବଲିଉଡ୍ ଚଳଚ୍ଚିତ୍ର 'ଦି କଶ୍ମୀର ଫାଇଲ୍‌ସ' ମୁକ୍ତିଲାଭ କରିଥିବାବେଳେ ଏହାର ବିଷୟବସ୍ତୁକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଚ୍ଚପ୍ରଶଂସା କରିଥିବାବେଳେ ବିରୋଧୀ ଦଳ ଏହାକୁ କେନ୍ଦ୍ର ସରକାରଙ୍କ ପ୍ରଚାରପତ୍ର ବୋଲି ଆକ୍ଷେପ କରୁଛନ୍ତି। ତେବେ ଆସାମ ସରକାର ଏ ପ୍ରସଙ୍ଗରେ ସରକାରୀ କର୍ମଚାରୀଙ୍କ ପାଇଁ ବଦାନ୍ୟତା ପ୍ରକାଶ କରିଛନ୍ତି। ରାଜ୍ୟର ଯେଉଁ ସରକାରୀ କର୍ମଚାରୀ ଏହି ଚଳଚ୍ଚିତ୍ର ଦେଖିବାକୁ ଆଗ୍ରହୀ, ସେମାନଙ୍କୁ ଅଧାଦିନ ସ୍ୱତନ୍ତ୍ର ଛୁଟି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବୁଧବାର ଘୋଷଣା କରିଛନ୍ତି। ଆଗ୍ରହୀ କର୍ମଚାରୀ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଆଗୁଆ ସୂଚୀତ କରିବା ସହ ପରଦିନ ସିନେମା ଟିକଟ ଦାଖଲ କରିବେ ବୋଲି କୁହାଯାଇଛି। ରାଜ୍ୟରେ ପ୍ରମୋଦ କର ଲାଗୁ କରାଯାଉନଥିବାରୁ ସମସ୍ତେ ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ଏହି ଚଳଚ୍ଚିତ୍ରଟି ଦେଖିସାରିଥିବାବେଳେ ଏହାକୁ ଭୂୟସୀ ପ୍ରଶଂସା କରିଛନ୍ତି। ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ମାର୍ଚ୍ଚ ୧୧ରେ ମୁକ୍ତିଲାଭ କରିଛି। ଏଥିରେ ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର୍, ପଲ୍ଲବୀ ଯୋଶୀ ଓ ପୁନିତ୍ ଇସାର ପ୍ରମୁଖ ଅଭିନୟ କରିଛନ୍ତି।

## ପୁଟିନ୍ ଜଣେ ଯୁଦ୍ଧ ଅପରାଧୀ: ବାଇଡେନ୍

ୱାଶିଂଟନ: ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବାରୁ ରୁଷ୍ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍‌ଙ୍କୁ ଯୁଦ୍ଧ ଅପରାଧୀ ଆଖ୍ୟା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ୟୁକ୍ରେନ୍‌କୁ ୮୦୦ ନିୟୁତ ଡଲାର ସାମରିକ ସହାୟତା ଘୋଷଣା ଅବସରରେ ବାଇଡେନ୍ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ଯୁଦ୍ଧକୁ ନେଇ ବର୍ତ୍ତମାନ ବିଶ୍ୱର ଅଧିକାଂଶ ରାଷ୍ଟ୍ର ରୁଷ୍ ବିରୋଧୀ ହୋଇପଡିଥିବାରୁ ପୁଟିନ୍‌ଙ୍କୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ବାଇଡେନ୍ ସତର୍କ କରାଇଛନ୍ତି। ଅପରପକ୍ଷରେ ବାଇଡେନ୍‌ଙ୍କ ଏତାଦୃଶ ମନ୍ତବ୍ୟକୁ ରୁଷ୍ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କ୍ରେମ୍‌ଲିନ୍ ମୁଖପାତ୍ର ଦିମିତ୍ରି ପେସ୍‌କୋଭ୍ କହିଛନ୍ତି ଯେ ବାଇଡେନ୍‌ଙ୍କ ଏଭଳି ମନ୍ତବ୍ୟ ସମ୍ପୂର୍ଣ୍ଣ ଅକ୍ଷମଣୀୟ ଏବଂ କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ନୁହଁ। ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆମେରିକୀୟ କଂଗ୍ରେସକୁ ସମ୍ବୋଧିତ କରିଥିବାବେଳେ ଅଧିକ ସାମରିକ ସହାୟତା ଯୋଗାଇଦେବାକୁ ଆମେରିକା ଓ ୟୁରୋପୀୟ ସଂଘକୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ପର୍ଲ ହାର୍ବର, ୯/୧୧ ଅଲକାଏଦା ଆକ୍ରମଣ ସମ୍ପର୍କରେ ଉଲ୍ଲେଖ କରିଥିଲେ।

# ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ସମାରୋହ







ନୂଆଦିଲ୍ଲୀ: ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୨୨ ବର୍ଷ ପାଇଁ ପ୍ରଥମ ଦଫାରେ ମୋଟ ୬୪ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ସିଭିଲ ଇନ୍‌ଭେଷ୍ଟିଚ୍ୟୁୟର ଉତ୍ସବରେ ୨ ଜଣଙ୍କୁ ପଦ୍ମବିଭୂଷଣ, ୪ ଜଣଙ୍କୁ ପଦ୍ମଭୂଷଣ ଏବଂ ୫୪ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଅପରପକ୍ଷରେ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଅବଶିଷ୍ଟ ୬୪ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ ଜଣାପଡିଛି। ସୋମବାର ଗୀତା ପ୍ରେସ ମାଲିକ ସ୍ୱର୍ଗତ ରାଧେଶ୍ୟାମ ଖେମ୍‌କା ଓ ଦେଶର ପ୍ରଥମ ସିଡିଏସ୍ ସ୍ୱର୍ଗତ ବିପିନ ରାୱତ୍‌ଙ୍କୁ (ଉଭୟଙ୍କୁ ମରଣୋତ୍ତର) ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଛି। ପଦ୍ମଭୂଷଣ ପୁରସ୍କାର ପାଇଥିବା ବ୍ୟକ୍ତିମାନେ ହେଲେ ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍, ଗୁରମିତ୍ ବାୱା (ମରଣୋତ୍ତର), ଏନ୍.ଚନ୍ଦ୍ରଶେଖରନ, ଦେବେନ୍ଦ୍ର ଝାଝାରିଆ, ରସିଦ ଖାନ୍, ରାଜୀବ ମେହେର୍ଷି, ଡଃ ସାଇରସ୍ ପୁନାୱାଲା ଓ ସଚ୍ଚିଦାନନ୍ଦ ସ୍ୱାମୀ। ଅପରପକ୍ଷରେ ୫୪ ପଦ୍ମଶ୍ରୀ ବିଜେତାଙ୍କ ମଧ୍ୟରେ ଚନ୍ଦ୍ରପ୍ରକାଶ ଦ୍ୱିବେଦୀ, ମହିଳା ହକି ଖେଳାଳି ବନ୍ଦନା କାଟାରିୟା, ପାରା ସୁଟର ଅବନୀ ଲେଖାରା ଅନ୍ୟତମ। ସ୍ୱର୍ଗତ ରାଧେଶ୍ୟାମ ଖେମ୍‌କାଙ୍କ ତରଫରୁ ତାଙ୍କ ପୁତ୍ର ଏବଂ ସ୍ୱର୍ଗତ ରାୱତ୍‌ଙ୍କ ତରଫରୁ ଦୁଇ ଝିଅ କ୍ରିତିକା ଓ ତାରିଣୀ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସରେ ଭାରତ ରତ୍ନ (ଯଦି କେହି ଯୋଗ୍ୟ ବିବେଚିତ ହୋଇଥାନ୍ତି) ସମେତ ପଦ୍ମ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥାଏ। ଚଳିତବର୍ଷ ଜାନୁଆରୀ ୨୬ରେ ମୋଟ ୧୨୮ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପଦ୍ମବିଭୂଷଣ, ୧୭ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୦୭ ଜଣଙ୍କୁ ପଦ୍ମଶ୍ରୀ ପାଇଁ ତାଲିକାଭୁକ୍ତ କରାଯାଇଥିଲା। ଚଳିତବର୍ଷ ଓଡ଼ିଶାରୁ ସ୍ୱନାମଧନ୍ୟ ଔପନ୍ୟାସିକା ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ ପାଇଁ ମନୋନୀତ କରାଯାଇଥିବାବେଳେ ବାବା ବଳିଆ, ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ଆଦିତ୍ୟ ଦାଶ, ଗାୟିକା ଶ୍ୟାମାମଣି ଦେବୀ ଓ ନରସିଂହ ଗୁରୁ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ୫ ଓଡ଼ିଆ ଗ୍ରହଣ କଲେ ପଦ୍ମଶ୍ରୀ



ଶ୍ରୀମଦ୍ ବାବା ବଳିଆ



ଡ. ଆଦିତ୍ୟ ପ୍ରସାଦ ଦାଶ



ଡ. ଶ୍ୟାମାମଣି ଦେବୀ



ନରସିଂହ ପ୍ରସାଦ ଗୁରୁ



ଅଞ୍ଜଳି ମହାପାତ୍ର

ନୂଆଦିଲ୍ଲୀ: ବର୍ଷ ୨୦୨୨ର ପଦ୍ମ ପୁରସ୍କାର ବିଜେତାଙ୍କ ପାଇଁ ଆଜି ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇ ଜଣଙ୍କୁ ପଦ୍ମବିଭୂଷଣ, ଆଠ ଜଣଙ୍କୁ ପଦ୍ମଭୂଷଣ ଓ ୫୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଓଡ଼ିଶାରୁ ମଧ୍ୟ ୫ ଜଣ ଆଜି ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଛନ୍ତି। ସାହିତ୍ୟ ଓ ଶିକ୍ଷା ବର୍ଗରେ ବିଶିଷ୍ଟ କୋଶଳୀ ଲେଖକ ନରସିଂହ ପ୍ରସାଦ ଗୁରୁ, କଳା ବର୍ଗରେ ବିଶିଷ୍ଟ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଡ. ଶ୍ୟାମାମଣୀ ଦେବୀ, ବିଜ୍ଞାନ ଓ ଇଞ୍ଜିନିୟରିଂ ବର୍ଗରେ ବିଶିଷ୍ଟ ବୈଜ୍ଞାନିକ ଡ. ଆଦିତ୍ୟ ପ୍ରସାଦ ଦାଶ, ସମାଜସେବା ବର୍ଗରେ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା ସମାଜସେବୀ ଶ୍ରୀମଦ୍ ବାବା ବଳିଆ ଏବଂ ସିଭିଲ୍ ସର୍ଭିସ ବର୍ଗରେ ଦିବଂଗତ ପ୍ରଶାସକ ଡ. ଗୁରୁପ୍ରସାଦ ମହାପାତ୍ରଙ୍କୁ ମରୋଣତ୍ତର ଭାବେ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ସମସ୍ତ ବିଜେତା ରାଷ୍ଟ୍ରପତିଙ୍କ ଠାରୁ ବ୍ୟକ୍ତିଗତ ଭାବେ ପୁରସ୍କାର ଗ୍ରହଣ କରିଥିବା ବେଳେ ସ୍ୱର୍ଗତ୍ ଗୁରୁପ୍ରସାଦ ମହାପାତ୍ରଙ୍କ ପାଇଁ ତାଙ୍କ ପତ୍ନୀ ଅଞ୍ଜଳି ମହାପାତ୍ର ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶାର ଅନ୍ୟ ଦୁଇ ପଦ୍ମ ବିଜେତା ବିଶିଷ୍ଟ ଲେଖିକା ଡ. ପ୍ରତିଭା ରାୟ ଓ ତାରକା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ପ୍ରଦାନ ସମାରୋହରେ ପୁରସ୍କାର ଗ୍ରହଣ କରିବେ। ଡ. ରାୟଙ୍କୁ ସାହିତ୍ୟ ଓ ଶିକ୍ଷା ବର୍ଗରେ ପଦ୍ମଭୂଷଣ ପାଇଁ ଏବଂ ପ୍ରମୋଦଙ୍କୁ କ୍ରୀଡ଼ା ବର୍ଗରେ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି।

# ଉତ୍ତରାଖଣ୍ଡରେ ଧାମି, ଗୋଆରେ ପ୍ରମୋଦ ମୁଖ୍ୟମନ୍ତ୍ରୀ





ନୂଆଦିଲ୍ଲୀ: ଉତ୍ତରାଖଣ୍ଡ ଓ ଗୋଆରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମକୁ ନେଇ ଯେଉଁ ଅନିଶ୍ଚିତତା ଲାଗି ରହିଥିଲା ବେଳେ ତାହାର ପରିସମାପ୍ତି ଘଟିଛି। ଉତ୍ତରାଖଣ୍ଡରେ ପୁଷ୍କର ସିଂହ ଧାମି ଓ ଗୋଆରେ ପ୍ରମୋଦ ସାୱନ୍ତ ପୁଣିଥରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି। ଡେରାଡୁନରେ ଅନୁଷ୍ଠିତ ବିଜେପି ବିଧାୟକ ଦଳର ବୈଠକରେ ଧାମି ସର୍ବସମ୍ମତକ୍ରମେ ନେତା ନିର୍ବାଚିତ ହୋଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ୪୬ ବର୍ଷୀୟ ଧାମି ଖାତିମା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଛନ୍ତି। ପରାଜୟ ସତ୍ତ୍ୱେ ଦଳକୁ ପୁଣିଥରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ବିଜେପି ହାଇକମାଣ୍ଡ ପୁଣି ତାଙ୍କ ମୁଣ୍ଡରେ ସୁନାକଳସ ଢାଳିଛନ୍ତି। ମୁଖ୍ୟମନ୍ତ୍ରୀ ଦୌଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ୍, କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ୍ ଓ ବରିଷ୍ଠ ନେତା ସତପାଲ ମହାରାଜ ସାମିଲ ହୋଇଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁକମ୍ପା ଏବଂ ରାଜନୈତିକ ଦୂରଦୃଷ୍ଟି ହିଁ ଧାମିଙ୍କୁ ପୁଣିଥରେ ଏହି ଆସନରେ ବସିବାକୁ ସୁଯୋଗ ଦେଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଓ ବରିଷ୍ଠ ନେତ୍ରୀ ମୀନାକ୍ଷୀ ଲେଖି ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଭାବେ ବିଧାୟକ ଦଳ ବୈଠକରେ ଯୋଗଦେଇଥିଲେ। ପାଣାଜୀରେ ଆୟୋଜିତ ବିଜେପି ବିଧାୟକ ଦଳ ବୈଠକରେ ପ୍ରମୋଦଙ୍କୁ ନେତାଭାବେ ମନୋନୀତ କରାଯାଇଛି। ଫଳରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ଥିବା ବିଶ୍ୱଜିତ ରାଣେଙ୍କୁ ନିରାଶ ହେବାକୁ ପଡିଛି। ଏହି ବୈଠକରେ ଦୁଇ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଓ ଏଲ.ମୁରୁଗାନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ।

## ଶପଥ ନେଲେ ମାନ୍



ଚଣ୍ଡିଗଡ଼: ଆପ୍ ନେତା ଭଗୱନ୍ତ ମାନ୍ ପଞ୍ଜାବର ନୂତନ ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ରାଜଧାନୀ ଚଣ୍ଡିଗଡସ୍ଥିତ ରାଜଭବନ ପରିବର୍ତ୍ତେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହଙ୍କ ଜନ୍ମସ୍ଥାନ ଖଟ୍‌କାର କାଲାନ୍‌ଠାରେ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିଲା। ମାନ୍ ନିଜ ପସନ୍ଦର ହଳଦିଆ ପଗଡି ପିନ୍ଧିଥିବାବେଳେ ରାଜ୍ୟପାଳ ବନୱାରିଲାଲ ପୁରୋହିତ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଏକାଧିକ ବରିଷ୍ଠ ଆପ୍ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ କହିଥିଲେ ଯେ ବର୍ତ୍ତମାନ 'ଉଡ୍‌ତା ପଞ୍ଜାବ' ପରିବର୍ତ୍ତେ 'ବଢ୍‌ତା ପଞ୍ଜାବ'ର ଚିତ୍ର ରାଜ୍ୟବାସୀ ଦେଖିବାକୁ ପାଇବେ। ସୂଚନାଯୋଗ୍ୟ ୨୦୧୬ରେ ହିନ୍ଦୀ ଚଳଚ୍ଚିତ୍ର 'ଉଡ୍‌ତା ପଞ୍ଜାବ' ମୁକ୍ତିଲାଭ କରିଥିବାବେଳେ ପଞ୍ଜାବରେ ବ୍ୟାପକ ମାଦକଦ୍ରବ୍ୟ କାରବାରକୁ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ମାନ୍ ନବନିର୍ବାଚିତ ଦଳୀୟ ସାଂସଦଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ କୌଣସି ପରିସ୍ଥିତିରେ ଔଦ୍ଧତ୍ୟ ପ୍ରଦର୍ଶନ କରନାହିଁ। ଯେଉଁମାନେ ଆମକୁ ଭୋଟ ଦେଇନାହାନ୍ତି, ସେମାନଙ୍କ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କର। ସଦ୍ୟ ସମାପ୍ତ ପଞ୍ଜାବ ବିଧାନସଭା ନିର୍ବାଚନରେ ଆପ୍ ୧୧୭ ମଧ୍ୟରୁ ୯୨ଟି ଆସନରେ ବିଜୟୀ ହୋଇ ସରକାର ଗଠନ କରିଛି।

### ମାନ୍‌ଙ୍କ ଦୁର୍ନୀତି ହଟାଅ ଅଭିଯାନ ଆରମ୍ଭ

## ନିଜ ଫୋନ୍ ନମ୍ବରକୁ କଲେ ହେଲପ୍ ଲାଇନ୍

ଚଣ୍ଡିଗଡ: ପଞ୍ଜାବ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବାର ମାତ୍ର ଦିନକ ପରେ ଭଗୱନ୍ତ ମାନ୍ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜ୍ୟରୁ ଦୁର୍ନୀତି ହଟାଇବାକୁ ମାନ୍ ଏକ ହେଲପ୍‌ଲାଇନ୍ ନମ୍ବର ଜାରି କରିଛନ୍ତି। ତେବେ ଏହି ପ୍ରସଙ୍ଗରେ ମାନ୍ ନିଜର ଫୋନ୍ ନମ୍ବରକୁ ହେଲପ୍ ଲାଇନ୍‌ରେ ପରିଣତ କରିଛନ୍ତି। ମାର୍ଚ୍ଚ ୨୩ରୁ ଏହା କାର୍ଯ୍ୟକ୍ଷମ କରାଯିବ। ଯଦି କୌଣସି ସରକାରୀ କର୍ମଚାରୀ କାର୍ଯ୍ୟ ସମ୍ପାଦନ ପାଇଁ ଲାଞ୍ଚ ମାଗୁଥାନ୍ତି, ତେବେ ସଂପୃକ୍ତ କର୍ମଚାରୀଙ୍କ ସହ ହୋଇଥିବା ବାର୍ତ୍ତାଳାପର ଅଡିଓ, ଭିଡିଓକୁ ଏହି ହେଲପ୍ ଲାଇନକୁ ପଠାଇବାକୁ ମାନ୍ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟର ୯୯ ପ୍ରତିଶତ ସରକାରୀ କର୍ମଚାରୀ ସଚ୍ଚୋଟ ହୋଇଥିଲେ ସୁଦ୍ଧା ୧ ପ୍ରତିଶତ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ସବୁ ସରକାରୀ ବ୍ୟବସ୍ଥା ବଦନାମ ହେଉଥିବା ମାନ୍ କହିଛନ୍ତି। ଦୁର୍ନୀତି ହଟାଇବା ଆପ୍ ସରକାରଙ୍କ ପ୍ରଥମ ଲକ୍ଷ୍ୟ ହୋଇଥିବାରୁ ସରକାରୀ କର୍ମଚାରୀମାନେ ଏବେଠାରୁ ଯଥେଷ୍ଟ ସତର୍କ ରହିବାକୁ ମାନ୍ ଚେତାଇ ଦେଇଛନ୍ତି। ଅପରପକ୍ଷରେ ଜନମତକୁ ଆଧାର କରି ସଚ୍ଚୋଟ ଓ ଦକ୍ଷ ସରକାରୀ କର୍ମଚାରୀଙ୍କୁ ପୁରସ୍କୃତ କରାଯିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଇସ୍‌ଲାମରେ ହିଜାବ୍ ପିନ୍ଧିବା ଜରୁରୀ ନୁହେଁ



କର୍ଣ୍ଣାଟକ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ବେଙ୍ଗାଲୁରୁ: ଇସ୍‌ଲାମ ଧର୍ମ ଅନୁଯାୟୀ ହିଜାବ୍ ପରିଧାନ କରିବା ଜରୁରୀ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଫଳରେ ଦୀର୍ଘ ଦିନ ଧରି ଏହି ପ୍ରସଙ୍ଗକୁ କେନ୍ଦ୍ରକରି କର୍ଣ୍ଣାଟକ ସମେତ ଦେଶର ଅନ୍ୟାନ୍ୟ ସ୍ଥାନରେ ଉପୁଜିଥିବା ବିବାଦର ଆପାତତଃ ପରିସମାପ୍ତି ଘଟିଛି। ଶିକ୍ଷାନୁଷ୍ଠାନରେ ମୁସ୍‌ଲିମ ଛାତ୍ରୀମାନେ ହିଜାବ୍ ପରିଧାନ କରିବା ପ୍ରସଙ୍ଗକୁ ନେଇ କର୍ଣ୍ଣାଟକ ସରକାର ଯେଉଁ କଟକଣା ଲାଗୁ କରିଛନ୍ତି, ତାହା ଯଥାର୍ଥ ବୋଲି ହାଇକୋର୍ଟ କହିଛନ୍ତି। ଏହି ବିବାଦକୁ ମୂଳପୋଛ କରିବାକୁ ଶିକ୍ଷାନୁଷ୍ଠାନରେ ୟୁନିଫର୍ମ ପିନ୍ଧିବା ସବୁଠାରୁ ଶ୍ରେଷ୍ଠ ବିକଳ୍ପ ବୋଲି କୁହାଯାଇଛି। ପୁନଶ୍ଚ ଏହି ପ୍ରସଙ୍ଗରେ କର୍ଣ୍ଣାଟକ ସରକାର ଚଳିତବର୍ଷ ଫେବୃଆରୀ ୫ରେ ଯେଉଁ ନିର୍ଦ୍ଦେଶାବଳୀ ଜାରି କରିଥିଲେ, ତାହା ଆଦୌ ଅସାମ୍ବିଧାନିକ ନୁହେଁ ବୋଲି ହାଇକୋର୍ଟ ମତବ୍ୟକ୍ତ କରିଛନ୍ତି। ଏହି ବିବାଦୀୟ ପ୍ରସଙ୍ଗର ସମାଧାନ ପାଇଁ ହାଇକୋର୍ଟ ମୁଖ୍ୟତଃ ତିନିଟି ପ୍ରଶ୍ନ ଉପରେ ତର୍ଜମା କରିଥିଲେ। ପ୍ରଥମଟି ହେଲା (୧) ଇସ୍‌ଲାମ ଧର୍ମ ଅନୁଯାୟୀ ଶିକ୍ଷାନୁଷ୍ଠାନରେ ହିଜାବ୍ ପରିଧାନ କରିବା ଏକ ଜରୁରୀ ଧାର୍ମିକ ପରମ୍ପରା କି? ଦ୍ୱିତୀୟରେ ସ୍କୁଲ, କଲେଜ ଦ୍ୱାରା ନିର୍ଦ୍ଧାରିତ ୟୁନିଫର୍ମ ପିନ୍ଧିଲେ ସଂପୃକ୍ତ ଛାତ୍ରୀମାନଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥାଏ କି? ତୃତୀୟରେ ଫେବୃଆରୀ ୫ରେ ରାଜ୍ୟ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ଆଇନତଃ ଅସିଦ୍ଧ କି? ମଙ୍ଗଳବାର ରାୟ ପ୍ରକାଶ ସମୟରେ ହାଇକୋର୍ଟ ଉପରୋକ୍ତ ତିନିଟି ପ୍ରଶ୍ନର ଜବାବ ରଖିଛନ୍ତି। (୧) ପ୍ରଥମତଃ ଇସ୍‌ଲାମ ଧର୍ମ ଅନୁଯାୟୀ ଶିକ୍ଷାନୁଷ୍ଠାନରେ ହିଜାବ୍ ପିନ୍ଧିବା ଜରୁରୀ ଧାର୍ମିକ ପରମ୍ପରା ନୁହେଁ। (୨) ଶିକ୍ଷାନୁଷ୍ଠାନରେ ୟୁନିଫର୍ମ ପିନ୍ଧିବା ଦ୍ୱାରା ଏଭଳି ବିବାଦର ସୂତ୍ରପାତ ଘଟିବ ନାହିଁ ଏବଂ ଛାତ୍ରୀମାନେ ଏହାକୁ ବିରୋଧ କରିବା ଅନୁଚିତ। (୩) ଏ ପ୍ରସଙ୍ଗରେ ନିର୍ଦ୍ଦେଶନାମା ଜାରି କରିବାର ସମସ୍ତ ଅଧିକାର ସରକାରଙ୍କ ନିକଟରେ ସଂରକ୍ଷିତ।

ସୂଚନାଯୋଗ୍ୟ ଚଳିତବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ କର୍ଣ୍ଣାଟକର ଉଡୁପି ସହରରେ ହିଜାବ୍ ବିବାଦର ସୂତ୍ରପାତ ହୋଇଥିଲା। କେତେକ ମୁସ୍‌ଲିମ ଛାତ୍ରୀ ହିଜାବ ପିନ୍ଧି କଲେଜ ଆସିବାପରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରବେଶ ଅନୁମତି ଦେଇନଥିଲେ। ଫଳରେ ସଂପୃକ୍ତ ଛାତ୍ରୀମାନେ ନିଜର ଅଭିଭାବକ ଏବଂ କେତେକ ମୌଳବାଦୀ ସଂଗଠନ ନେତାଙ୍କ ସମର୍ଥନ ହାସଲ କରି ଶିକ୍ଷାନୁଷ୍ଠାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ବିବାଦ କର୍ଣ୍ଣାଟକର ଅନ୍ୟାନ୍ୟ ସମେତ ସମେତ ପଡୋଶୀ ରାଜ୍ୟକୁ ବ୍ୟାପିବା ସହ ହିଂସାକାଣ୍ଡ ଘଟିଥିଲା। ଏପରିକି ସଂପୃକ୍ତ ଛାତ୍ରୀମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ପ୍ରାୟ ପନ୍ଦର ଦିନ ଚାଲିବାପରେ ଶେଷରେ ରାୟ ପ୍ରକାଶ ପାଇଛି।

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା

# ଜେଲ୍‌ଗଲେ ନିରଞ୍ଜନ, ଶର୍ମିଷ୍ଠାଙ୍କ ଜାମିନ ଆବେଦନ ଖାରଜ




ଭୁବନେଶ୍ୱର: କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାରେ ଅବସରପ୍ରାପ୍ତ ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ନିରଞ୍ଜନ ସେଠୀଙ୍କୁ ଚାନ୍ଦବାଲି ଥାନା ପୁଲିସ ଗିରଫ କରିଛି। ତାଙ୍କ ସହ ରଞ୍ଜନ ନାୟକ ଓରଫ ରାଜ୍(୨୯) ନାମକ ମୋବାଇଲ ଦୋକାନୀଙ୍କୁ ଗିରଫ କରାଯାଇଥିବା ଭଦ୍ରକ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ରଞ୍ଜନଙ୍କ ଘର ନୟାଗଡ଼ ଓଡ଼ଗାଁ ପାଣିବନ୍ଧ ଗାଁରେ ହୋଇଥିବାବେଳେ ସେ ଖଣ୍ଡଗିରି ଜାଗମରା ଅଞ୍ଚଳରେ ରାଜ୍ କମ୍ୟୁନିକେସନ୍ ନାମକ ଏକ ମୋବାଇଲ ଦୋକାନ କରିଥିଲେ। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ମୁଁ ହତ୍ୟାକାରୀ ନୁହେଁ, ସମୟ ଆସିଲେ ସତ ବାହାରିବ ବୋଲି ନିରଞ୍ଜନ ଗଣମାଧ୍ୟମ ଆଗରେ କହିଛନ୍ତି। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୱେବ୍ ଚ୍ୟାନେଲର ମାଲିକ ଶର୍ମିଷ୍ଠା ରାଉତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ମାନସ ହତ୍ୟାକାଣ୍ଡର ତଦନ୍ତ ଜାରି ରହିଥିବାବେଳେ ସୂଚନା ଓ ଲୋକ ସଂପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସେଠୀଙ୍କ ଏହି ଘଟଣା ସହ ସମ୍ପୃକ୍ତି ବାହାରିଛି। ହତ୍ୟା ଷଡ଼ଯନ୍ତ୍ର ବା ଯୋଜନା କରିବା, ମାଡ଼ ମାରିବା, ଶବ ପୋଡ଼ିବାରେ ତାଙ୍କର ଭୂମିକା ରହିଛି ବୋଲି ପୁଲିସ କହୁଛି। ଏଏସ୍‌ପି ଯତୀନ୍ ପଣ୍ଡା କହିଛନ୍ତି ଯେ ମାନସଙ୍କୁ ଅପହରଣ କରିବାକୁ ନିରଞ୍ଜନ ଚାନ୍ଦବାଲି ଯାଇନଥିଲେ। କିନ୍ତୁ ମାନସଙ୍କୁ ଭୁବନେଶ୍ୱରସ୍ଥିତ ଦୟାଲ ଆଶ୍ରମକୁ ନିଆଯିବା ପରେ ସେଠାରେ ନିରଞ୍ଜନ ଉପସ୍ଥିତ ଥିଲେ। ମାନସଙ୍କୁ ନିରଞ୍ଜନ ହାତରେ ଏବଂ ଅସ୍ତ୍ରରେ ମାଡ଼ ମାରିଥିବା ମଧ୍ୟ ପ୍ରମାଣ ମିଳିଛି। ଗୋଟିଏ ମେମୋରି ଚିପ୍ କାର୍ଡ ପାଇଁ ଏ ଅଘଟଣ ଘଟିଥିବା ସେ କହିଛନ୍ତି। ତଦନ୍ତ ଜାରି ରହିଥିବାବେଳେ ସେହି ଚିପ୍ ଏପର୍ଯ୍ୟନ୍ତ ପୁଲିସ ହାତରେ ଲାଗିନାହିଁ। ସେହି ମେମୋରି ଚିପ୍‌ରେ ଅଶ୍ଳୀଳ ଭିଡିଓ ଥିଲା ବୋଲି ମଧ୍ୟ କିଛି ସୁରାକ୍ ମିଳିନଥିବା ପୁଲିସ କହିଛି। ଏଥିସହ ମାନସଙ୍କୁ ଦୟାଲ ଆଶ୍ରମରେ ହିଁ ମାଡ଼ ମାରି ହତ୍ୟା କରାଯାଇଥିବା ପୁଲିସ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଝୁନା ଭୋଇ ଫେରାର୍ ଅଛନ୍ତି। ତାଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ମାନସ ସ୍ୱାଇଁ ହତ୍ୟା ମାମଲାରେ ପୂର୍ବରୁ ଚାନ୍ଦବାଲି ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖଣ୍ଡଗିରି ଥାନା ବରମୁଣ୍ଡାର ଭାଗ୍ୟଧର ନାୟକ(୨୬), ରଣପୁର ଥାନା ଧମଡ଼ା ଗାଁର ବିବେକ ନାୟକ ଓ ପୁରୁଣା ଭୁବନେଶ୍ୱର ମଙ୍ଗଳାସାହିର କୃଷ୍ଣଚନ୍ଦ୍ର ନାୟକ(୫୦)।

ଉଲ୍ଲେଖଯୋଗ୍ୟ, ନୟାଗଡ଼ ଜିଲ୍ଲା ରଣପୁର ଥାନା ଗୋଡ଼ିପୋଖରୀ ନୂଆପଲ୍ଲୀ ଗାଁର ମାନସ କୁମାର ସ୍ୱାଇଁ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ୱେବପୋର୍ଟାଲରେ କ୍ୟାମେରମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ଶର୍ମିଷ୍ଠାଙ୍କ ପାଖରୁ ଚାକିରୀ ଛାଡ଼ି ପଳାଇଯାଇଥିଲେ। ଏହି ସମୟରେ ସେ ଏକ ମେମୋରି ଚିପ୍ ସାଙ୍ଗରେ ନେଇଯାଇଥିଲେ। ସେହି ମେମୋରି ଚିପ୍‌କୁ ନେଇ ଶର୍ମିଷ୍ଠା ବ୍ୟସ୍ତବିବ୍ରତ ଥିଲେ। ଗତ ୬ ତାରିଖରେ ମାନସ ଭୁବନେଶ୍ୱରରୁ ବାହାରି ଏକ ବାହାଘର ସୁଟିଂରେ ଭଦ୍ରକ ଯାଇଥିଲେ। ସେଠାରୁ କାମସାରି ୭ ତାରିଖ ସକାଳୁ ସକାଳୁ ମାନସ ଭୁବନେଶ୍ୱର ଫେରୁଥିଲେ। ଏହି ସମୟରେ ଚାନ୍ଦବାଲି ଥାନା ଅନ୍ତର୍ଗତ ପଳାସପୁର ଗାଁ ନିକଟରେ ତାଙ୍କୁ କେତେକ ଦୁର୍ବୃତ୍ତ ଏକ କାର୍‌ରେ ଅପହରଣ କରିନେଇଥିଲେ। ଏହାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଶର୍ମିଷ୍ଠାଙ୍କ ଦୟାଲ ଆଶ୍ରମକୁ ନେଇଥିଲେ। ସେଠାରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ମାନସଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କୁ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବଧିପାଟଣାର ଏକ ପାହାଡ଼ ତଳେ ପୋତି ଦେଇଥିଲେ। ପୁଅ ଘରକୁ ନଫେରିବାରୁ ମାନସଙ୍କ ବାପା ପଞ୍ଚାନନ ସ୍ୱାଇଁ ଫେବୃୟାରୀ ୧୪ ତାରିଖରେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ କେସ ନଂ-୬୩/୨୨ରେ ଏକ ଅପହରଣର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୋଗପତ୍ରରେ ୱେବପୋର୍ଟାଲ ମାଲିକାଣୀ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀଙ୍କ ନାଁ ଥିଲା। ତେଣୁ ପୁଲିସ ଶର୍ମିଷ୍ଠାଙ୍କୁ ଡାକି ଦୁଇଥର ଜେରା କରିଥିଲା। ଏହାପରେ ପୁଲିସ ମାମଲାର ତଦନ୍ତ କରି ଗତ ୧୨ ତାରିଖରେ ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରା କରିବାରୁ ମାନସଙ୍କୁ ହତ୍ୟା ପରେ ପୋତି ଦିଆଯାଇଥିବା କହିଥିଲେ। ଅଭିଯୁକ୍ତ ଭାଗ୍ୟଧର ପୁଲିସ ଟିମ୍‌କୁ ରଣପୁରସ୍ଥିତ ପାହାଡ଼ ନିକଟକୁ ନେଇକରି ଯାଇଥିଲା। ସେଠାରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବକୁ ମାଟି ତଳୁ ଖୋଳି ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏହାପରେ ପୁଲିସ ହତ୍ୟା ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା।

## ଓଡ଼ିଶା ରାଜନୀତିରେ ନୂଆ ଇତିହାସ ସୃଷ୍ଟିହୋଇଛି: ପ୍ରଣବ



ଭୁବନେଶ୍ୱର: ନାଏବ ସରପଞ୍ଚ ଓ ବ୍ଲକ ଚେୟାରମ୍ୟାନ ନିର୍ବାଚନ ପରେ ଜିଲ୍ଲା ପରିଷଦ ଅଧକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ସମସ୍ତ ୩୦ଟି ଯାକ ଜିଲ୍ଲା ପରିଷଦ ଦଖଲ କରିଛି ବିଜେଡି। ଓଡ଼ିଶା ଇତିହାସରେ ପ୍ରଥମ ଥର ଏମିତି ହୋଇଛି । କୌଣସି ରାଜନୀତିକ ଦଳ ରାଜ୍ୟରେ ସମସ୍ତ ଜିଲ୍ଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇ ନଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ଯୋଗୁଁ ବିଜେଡି ଏହି ସଫଳତା ପାଇପାରିଛି। ଏଭଳି ସଫଳତାରେ ଟ୍ୱିଟ୍‌କରି ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଲେଖିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାରୀ ସଶକ୍ତୀକରଣ ମନ୍ତ୍ର ଓଡ଼ିଶା ରାଜନୀତିରେ ନୂଆ ଇତିହାସ ସୃଷ୍ଟିକରିଛି। ପ୍ରଥମଥର ବିଜେଡି ସମସ୍ତ ଜିଲ୍ଲା ପରିଷଦ ଗଠନ କରିଥିବାବେଳେ ୭୦% ଆସନରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନେତୃତ୍ୱ ଦେବା ଏକ ଯୁଗାନ୍ତକାରୀ ପଦକ୍ଷେପ। ମୁଁ ବିଜେଡିର ଜଣେ ସକ୍ରିୟ କର୍ମୀ ହିସାବରେ ନିଜକୁ ଧନ୍ୟ ମନେ କରୁଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କପିଲ୍ ଶର୍ମା



ଭୁବନେଶ୍ୱର: ଦେଶର ଜଣାଶୁଣା ହାସ୍ୟ ଅଭିନେତା କପିଲ୍ ଶର୍ମା ବିଗତ କିଛିଦିନ ଧରି ଭୁବନେଶ୍ୱରରେ ରହି ଏକ ହିନ୍ଦୀ ଫିଲ୍ମ ପାଇଁ ଶୁଟିଂ ଜାରି ରଖିଛନ୍ତି। ପ୍ରଖ୍ୟାତ ଅଭିନେତ୍ରୀ ତଥା ସିନେନିର୍ମାତା ନନ୍ଦିତା ଦାସ ଏହି ସିନେମାଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ରାଜଧାନୀର ଗଳିକନ୍ଦିରେ କେତେବେଳେ ଡେଲିଭରୀ ବଏ ସାଜି ତ ପୁଣି କେତେବେଳେ ବୁଲେଟ୍ ଧରି ରାତ୍ରିରେ ପଇଁତରା ମାରୁଥିବାର କପିଲ୍ ନଜର ଆସିଛନ୍ତି। ଯାହାକି ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ସାଉଣ୍ଟିଛି। ଇତିମଧ୍ୟରେ ଆଜି କପିଲ୍ ଓ ନନ୍ଦିତା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କପିଲ୍‌ଙ୍କ ସହ ଠଟ୍ଟାମଜା କରୁଥିବାର ଚିତ୍ର ସାମ୍ନାକୁ ଆସିଛି। ସମସ୍ତେ ବେଶ୍ କିଛି ସମୟ ଖୁସିର ମାହୋଲ ଭିତରେ ପରସ୍ପର ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ, କପିଲ୍ ଓ ନନ୍ଦିତାଙ୍କୁ ରୂପା ତାରକସିରେ ତିଆରି କୋଣାର୍କ ଚକ ଓ ଓଡ଼ିଶା ପ୍ରାୟୋଜକ ରହିଥିବା ଭାରତୀୟ ହକି ଦଳର ଜର୍ସି ଉପହାର ସ୍ୱରୂପ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫ଟି) ଭିକେ ପାଣ୍ଡିଆନ୍ ମଧ୍ୟ ଉପସ୍ଥିତ ଥିଲେ। ଭେଟଘାଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଟ୍ୱିଟ୍‌କରି ସୂଚନା ଦେବାସହ କପିଲ୍ ଓ ନନ୍ଦିତାଙ୍କ ସହ ସାକ୍ଷାତକୁ ନେଇ ନିଜର ଖୁସିବ୍ୟକ୍ତ କରିଛନ୍ତି। ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହ୍ୟ ଭଣ୍ଡାରର ଆହୁରି ଅନୁସନ୍ଧାନ କରିବାକୁ ସେ ଉଭୟଙ୍କୁ ଉତ୍ସାହିତ କରିଥିଲେ। ତେବେ ଏହି ଭେଟଘାଟକୁ ନେଇ କପିଲ୍ କରିଥିବା ଟ୍ୱିଟ୍ ବେଶୀ ଚର୍ଚ୍ଚା ସୃଷ୍ଟିକରିଛି। ସେ ଲେଖିଛନ୍ତି, ଓଡ଼ିଶାର ସମ୍ମାନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବେଶ୍ ଖୁସି ଅନୁଭବ କଲି। ଆପଣଙ୍କ ସ୍ନେହଭରା ଆତିଥ୍ୟତା ଆମକୁ ଘରେ ଥିବାର ଅନୁଭବ ଦେଲା। ଏଥିପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ। ଆପଣଙ୍କ ରାଜ୍ୟ ଓଡ଼ିଶା ପରି ଆପଣଙ୍କ ହୃଦୟ ମଧ୍ୟ ଖୁବ୍ ସୁନ୍ଦର। ଓଡ଼ିଶା ସବୁଦିନ ପାଇଁ ମୋ' ହୃଦୟରେ ରହିବ। ଅନ୍ୟପଟେ ନନ୍ଦିତା କପିଲ୍‌ଙ୍କ ଟ୍ୱିଟ୍‌କୁ କୋଟ୍ କରି ଲେଖିଛନ୍ତି, ବାସ୍ତବରେ ଓଡ଼ିଶା ସର୍ବୋତ୍ତମ ରହସ୍ୟ ଭିତରୁ ଗୋଟିଏ। ଆପଣଙ୍କୁ ଆମ ରାଜ୍ୟ ପସନ୍ଦ ଆସିଥିବା ଜାଣି ଖୁସି ହେଲି। ଓଡ଼ିଶା ସରକାର ଏବଂ ଲୋକଙ୍କ ଠାରୁ ପାଇଥିବା ସମର୍ଥନ ପାଇଁ ପ୍ରକୃତରେ କୃତଜ୍ଞ। ଆଶା କରେ ଆମର ଶୁଟ୍ ଆହୁରି ଅନେକଙ୍କ ପାଇଁ ଦ୍ୱାର ଖୋଲିବ।

# 'ସ୍ୱର' ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର: ୭୫ତମ ଆଜାଦୀ ଅମୃତ ମହୋତ୍ସବ ଓ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ସ୍ୱର' (ଷ୍ଟ୍ରଙ୍ଗ ୱିମେନ ଆସୋସିଏସନ ଫର ରିଫରମେସନ) ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲିଟି ବ୍ଲଡବ୍ୟାଙ୍କର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ଉଭୟ ପୁରୁଷ ଓ ମହିଳା ସମେତ ମୋଟ୍ ୩୪ଜଣ ରକ୍ତଦାନ କରିଥିଲେ। ଭାରତୀୟ ସ୍ତ୍ରୀ ଶକ୍ତିର ଓଡ଼ିଶା ଶାଖା 'ସ୍ୱର' ଟ୍ରଷ୍ଟ ପକ୍ଷରୁ ଶ୍ରୀମତୀ ମନ୍ଦିରା ଦାସ, ଶ୍ରୀମତୀ ସବିତା ରାୟ, ଶ୍ରୀମତୀ କ୍ରିଷ୍ଣା ଅଗ୍ରୱାଲ, ଶ୍ରୀମତୀ ସ୍ନେହା ଅଗ୍ରୱାଲ, ଶ୍ରୀମତୀ ରଶ୍ମି ଅଗ୍ରୱାଲ, ଶ୍ରୀମତୀ ଅର୍ଚ୍ଚନା ଅଗ୍ରୱାଲ, ଶ୍ରୀମତୀ ରୀନା ଅଗ୍ରୱାଲ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ବ୍ଲଡର ଉପଯୋଗିତାକୁ ଅନୁଭବ କରି ଡ. ନରେନ୍ଦ୍ର ସାହୁ, ପ୍ରେସିଡେଣ୍ଟ, ବ୍ଲଡ ଫେଡେରେସନ ଅଫ୍ ଇଣ୍ଡିଆ, 'ସ୍ୱର' ସଂଗଠନର ମହିଳା ଦିବସରେ ରଚନାତ୍ମକ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। 'ସ୍ୱର' ସଂଗଠନ ଗାୟତ୍ରୀ ପରିବାରକୁ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଭବିଷ୍ୟତରେ 'ସ୍ୱର' ସଂଗଠନ ଆହୁରି ନାରୀଭିତ୍ତିକ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ହାତକୁ ନେବ ବୋଲି 'ସ୍ୱର'ର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ଚନ୍ଦନା ଦାସ ମତପ୍ରକାଶ କରିଥିଲେ।




# 'ଓଡ଼ିଶାର ଯୁଗ୍ମ ଜଙ୍ଗଲ ପରିଚାଳନା ମଡେଲ୍' ଆଲୋଚନାଚକ୍ର





ଭୁବନେଶ୍ୱର: ଓଡ଼ିଶାର ଯୁଗ୍ମ ଜଙ୍ଗଲ ପରିଚାଳନା (ଜେଏଫ୍‌ଏମ୍) ମଡେଲ ବିଷୟରେ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଓଡ଼ିଶାର ଜେଏଫ୍‌ଏମ୍ କୌଶଳ ଏକ ସଫଳ ମଡେଲ ଭାବେ ପ୍ରମାଣିତ ହୋଇଛି । ବିକେନ୍ଦ୍ରୀକୃତ ଜଙ୍ଗଲ ପରିଚାଳନା, କ୍ଷେତ୍ରସ୍ତରୀୟ ସମନ୍ୱୟ ଏବଂ ଲୋକମାନଙ୍କର ସକ୍ରିୟ ସହଯୋଗ ଯୋଗୁ ବିଗତ ବର୍ଷ ମାନଙ୍କରେ ଲଗାତାରଭାବେ ଜଙ୍ଗଲର ପରିସର, ଘନତା ଏବଂ ବନ୍ୟଜନ୍ତୁରେ ବୃଦ୍ଧି ଘଟିଛି। ସରକାରଙ୍କ ପ୍ରଗତିଶୀଳ ଯୋଜନା ଏବଂ ସଚେତନତା କାର୍ଯ୍ୟକ୍ରମ ଲୋକମାନଙ୍କ ମନରେ ଜଙ୍ଗଲ ପ୍ରତି ଅଧିକ ଆବେଗ ଓ ଆକର୍ଷଣ ସୃଷ୍ଟିକରିଛି। ଏପରିକି ଅଭୟାରଣ୍ୟର ଆଭ୍ୟନ୍ତର ଅଞ୍ଚଳରେ ବାସ କରୁଥିବା ପରିବାରମାନେ ସ୍ୱେଚ୍ଛାକୃତଭାବେ ସରକାରଙ୍କ ଯୋଜନା ଗ୍ରହଣ କରି ଅଭୟାରଣ୍ୟ ବାହାରେ ଘର କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ବନୀକରଣକୁ ନୂଆ ଜିବୀକା ନିର୍ବାହ ଉତ୍ସଭାବେ ବିକଶିତ କରାଗଲେ ସ୍ଥାନୀୟ ଲୋକମାନଙ୍କର ଜଙ୍ଗଲପ୍ରତି ଥିବା ଆବେଗାତ୍ମକ ବନ୍ଧନ ବହୁଗୁଣିତ ହେବ। ସେମାନେ ନିଜେ ନିଜେ ଜଙ୍ଗଲ ସୁରକ୍ଷାର ସ୍ୱେଚ୍ଛାସେବୀ ସୈନିକଭାବେ କାର୍ଯ୍ୟ କରିବେ। ସ୍ଥାନୀୟ ବାସିନ୍ଦାଙ୍କର ଜୀବିକାକୁ ଭିତ୍ତିକରି ୫-ଟି ଆଧାରରେ ଜେଏଫ୍‌ଏମ୍‌ର ଅଧିକ ଜନକେନ୍ଦ୍ରିକ ଏବଂ ରୂପାନ୍ତରିତ ମଡେଲ୍ ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବନୀକରଣ କାର୍ଯ୍ୟରେ ବନ ସଂରକ୍ଷଣ ସମିତିର ନିୟୋଜନ, ଜଙ୍ଗଲ ଉତ୍ପାଦ ଦ୍ରବ୍ୟରେ ସ୍ଥାନୀୟ ବାସିନ୍ଦାଙ୍କର ଅଧିକାର ନିର୍ଣ୍ଣୟ, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ସେସବୁର ଲାଭଜନକ ବିପଣୀ ସଂଯୋଗ, ପ୍ରକୃତି-ପର୍ଯ୍ୟଟନ, ପରିଚାଳିତ ଜଙ୍ଗଲ ଭ୍ରମଣ, ଜଳାଶୟରେ ନୌ-ବିହାର ଆଦି ମାଧ୍ୟମରେ ଅଧିକରୁ ଅଧିକ ଜୀବିକା ନିର୍ବାହ ଉପାୟମାନ ନୂତନ ଜେଏଫ୍‌ଏମ୍ କୌଶଳରେ ସାମିଲ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ବନ ସଂରକ୍ଷଣ ସମିତି ଓ ଗ୍ରାମ ସମୁଦାୟ ସହ ନିୟମିତ ସିଧାସଳଖ ଆଲୋଚନା କରି ସେମାନଙ୍କର ସାଧାରଣ ସମସ୍ୟା ବିଷୟରେ ଜାଣିବା ସହ ସଂପୃକ୍ତ ବିଭାଗ ସହ ସମନ୍ୱୟ ମାଧ୍ୟମରେ ତାହାର ଆଶୁ ସମାଧାନ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ କ୍ଷେତ୍ରସ୍ତରୀୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ହେଲେ ଲୋକମାନଙ୍କର ଜଙ୍ଗଲ ପରିଚାଳନା ବ୍ୟବସ୍ଥା ଉପରେ ଭରସା ବଢ଼ିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା କହିଥିଲେ ଯେ ଜେଏଫ୍‌ଏମ୍ ରୁ ପ୍ରାପ୍ତ ଉତ୍ସାହଜନକ ଫଳାଫଳ ଭିତ୍ତିରେ 'ଜେଏଫ୍‌ଏମ୍ ପ୍ଲସ୍ ପ୍ଲସ୍' ପରିଚାଳନା ପଦ୍ଧତି ସ୍ଥିର କରାଯିବ। ଏଥିରେ ସ୍ଥାନୀୟ ବାସିନ୍ଦାଙ୍କର ସଶକ୍ତୀକରଣ ଓ ସହଭାଗିତା ଏବଂ ଜିବୀକା ନିର୍ବାହ ଆଦି ବିଷୟକୁ ଅଗ୍ରାଧିକାର ଦିଆଯିବ ବୋଲି ମଧ୍ୟ ଡଃ ଶର୍ମା କହିଥିଲେ। ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା କରାଯାଇଥିବା ଜେଏଫ୍‌ଏମ୍-ଓଡ଼ିଶା ଅଧ୍ୟୟନର ଫଳାଫଳ ବିଷୟରେ ସୂଚନା ଦେଇ ଜଙ୍ଗଲ ବିଭାଗ ମୁଖ୍ୟ ଅଧିକାରୀ ଶିଶିର କୁମାର ରଥ କହିଥିଲେ ଯେ ବର୍ତ୍ତମାନ ପର୍ଯ୍ୟ ରାଜ୍ୟର ୩୦ ଟି ଜିଲ୍ଲାରେ ୧୪,୨୨୨ଟି ବନ ସଂରକ୍ଷଣ ସମିତି ଏବଂ ପରିବେଶ ଉନ୍ନୟନ କମିଟି ଗଠନ କରାଯାଇଛି। ଏହି ସମିତିମାନେ ପ୍ରାୟ ୧୨,୧୯୨ ବର୍ଗ କିମି ଜଙ୍ଗଲର ରକ୍ଷଣାବେକ୍ଷଣରେ ସାମିଲ ଅଛନ୍ତି। ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଯୋଗୁ ଜଙ୍ଗଲ ଉପରେ ବିଭିନ୍ନ କାରଣ ବଶତଃ ପଡୁଥିବା ଚାପରେ ୭୦% ହ୍ରାସ ଘଟିଛି। ବନ ପରିଚାଳନା ବିଶେଷଜ୍ଞ ସୁରେଶ ଚନ୍ଦ୍ର ମହାନ୍ତି, ଆଶୁତୋଷ ସାମନ୍ତ ସିଂହାର, ସିଦ୍ଧାନ୍ତ ଦାସ, ସୁଶିଲ କୁମାର ପୋପିଲ୍, ମୀତା ବିଶ୍ୱାଳ, ସଞ୍ଜୀବ କୁମାର ଚଢ଼ା, ସନ୍ଦୀପ ତ୍ରିପାଠୀ, ପ୍ରଦୀପ ରାଜ କରାଟ୍, ରାଜୀବ କୁମାର, ମନୋଜ ମହାପାତ୍ର, ପ୍ରକାଶ ଚାନ୍ଦ, ଏବଂ ଏସ୍ ଆନନ୍ଦ ପ୍ରମୁଖ ସହଭାଗିତା ଭିତ୍ତିକ ପରିଚାଳନାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ବିଶ୍ଳେଷଣ ଉପସ୍ଥାପନ କରିଥିଲେ।

# ଏପ୍ରିଲ୍ ୨୮ରୁ ଯୁକ୍ତଦୁଇ ପରୀକ୍ଷା

- ସକାଳ ୯ଟାରୁ ପରୀକ୍ଷା, ଦିନକୁ ଗୋଟିଏ ସିଟିଂ
- ନିଜ କଲେଜରେ ହେବ ପ୍ରାକ୍ଟିକାଲ
- ଦୁଇପ୍ରକାର ମୂଲ୍ୟାୟନ ପଦ୍ଧତି

**ଭୁବନେଶ୍ୱର:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ଯୁକ୍ତଦୁଇ ପରୀକ୍ଷା ଆସନ୍ତା ଏପ୍ରିଲ୨୮ରୁ ଆରମ୍ଭ ହୋଇ ମେ' ୨୪ରେ ଶେଷ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ରାଜ୍ୟର ପ୍ରାୟ ୩ ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେବେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସିଟିଂ ସକାଳ ୯ଟାରୁ ଆରମ୍ଭ ହେବ। ଦିନକୁ ଗୋଟିଏ ସିଟିଂ ପରୀକ୍ଷା ହେବ। ବିଗତ ଦୁଇବର୍ଷ ଧରି କୋଭିଡ-୧୯ଜନିତ ମହାମାରୀ ପରିସ୍ଥିତିରେ ଗତି କରୁଥିବା ଛାତ୍ରଛାତ୍ରୀଙ୍କ ମାନସିକ ଓ ଶିକ୍ଷାଗ୍ରହଣ ଅବସ୍ଥାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପାଇଁ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରଣାଳୀ ସ୍ଥିର କରିବା ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ କିଛି ଦିନ ପୂର୍ବେ ଶିକ୍ଷକ ସମାଜ, ଅଭିଭାବକ ସଂଗଠନ, ବରିଷ୍ଠ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଶିକ୍ଷା ପଦାଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନାରୁ ମିଳିଥିବା ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କ ଉପରେ ପରୀକ୍ଷାର ଚାପକୁ କମାଇବା ପାଇଁ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଯୁକ୍ତ ଦୁଇ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଚଳିତବର୍ଷର ସମସ୍ତ ପ୍ରାକ୍ଟିକାଲ୍ ପରୀକ୍ଷା ନିଜ ନିଜ କଲେଜରେ ହେବ। ମୂଲ୍ୟାୟନ ନିମନ୍ତେ ଦୁଇପ୍ରକାରର ମୂଲ୍ୟାୟନ ପଦ୍ଧତି ଗ୍ରହଣ କରାଯିବ। ପ୍ରଥମଟି ହେଲା- ବିଦ୍ୟାଳୟସ୍ତରରେ ହୋଇଥିବା ଇଣ୍ଟରନାଲ୍ ପରୀକ୍ଷାରେ ଛାତ୍ରଛାତ୍ରୀ ପାଇଥିବା ମାର୍କକୁ ୨୦% ୱେଟେଜ୍ ଦିଆଯିବ। ଏଥିପାଇଁ ତିନିଟି ଇଣ୍ଟରନାଲ ପରୀକ୍ଷା ମଧ୍ୟରୁ ସର୍ବାଧିକ ମାର୍କ ପାଇଥିବା ଦୁଇଟି ପରୀକ୍ଷାକୁ ବିଚାରକୁ ନିଆଯିବ। ବୋର୍ଡ ପରୀକ୍ଷାରେ ରଖିଥିବା ନମ୍ବରକୁ ୮୦ ପ୍ରତିଶତ ୱେଟେଜ୍ ଦିଆଯିବ। ଏପରି ଉଭୟ ଇଣ୍ଟରନାଲ୍ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ୱେଟେଜ୍ ଭିତ୍ତିରେ ଫଳାଫଳ ଚୂଡ଼ାନ୍ତ କରାଯିବ। ଦ୍ୱିତୀୟଟି ହେଲା- କେବଳ ଯୁକ୍ତଦୁଇ ବୋର୍ଡ ପରୀକ୍ଷାରେ ରଖିଥିବା ନମ୍ବରକୁ ୧୦୦ ପ୍ରତିଶତ ୱେଟେଜ୍ ଦିଆଯିବ। ଉପରୋକ୍ତ ଦୁଇଟି ପଦ୍ଧତି ମଧ୍ୟରୁ ଯେଉଁଥିରେ ଅଧିକ ମାର୍କ ରହିବ ତାହାକୁ ସମ୍ପୃକ୍ତ ବିଷୟରେ ମାର୍କ ଭାବେ ବିଚାର କରାଯିବ। ପରୀକ୍ଷା ସାରଣୀ ଓ ମୂଲ୍ୟାଙ୍କନ ପଦ୍ଧତି ବିଷୟରେ ପରିଷଦ ପକ୍ଷରୁ ସବିଶେଷ ନିର୍ଦ୍ଦେଶନାମା ଯୁକ୍ତ ଦୁଇ ବିଦ୍ୟାଳୟ ଅଧକ୍ଷମାନଙ୍କୁ ୧୦ ଦିନ ମଧ୍ୟରେ ପଠାଇ ଦିଆଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

# ଏପ୍ରିଲ ୨୯ରୁ ମାଟ୍ରିକ ପରୀକ୍ଷା

କଟକ: ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଛାତ୍ରଛାତ୍ରୀଙ୍କ ସମେଟିଭ ଆସେସମେଣ୍ଟ -୨ ପରୀକ୍ଷା ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବ। ଚଳିତ ବର୍ଷ ନୂଆ ଢାଞ୍ଚାରେ ହେଉଥିବା ଏହି ମାଟ୍ରିକ ପରୀକ୍ଷା ସମ୍ପର୍କରେ ପରିଷଦ ପକ୍ଷରୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯାଇଛି। ସକାଳ ଆଠଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟାରେ ଶେଷ ହେବ। ଗଣିତ ପାଇଁ ଅଧିକ ୧୫ ମିନିଟ ଦିଆଯାଇଛି। ଏହି ପରୀକ୍ଷାରେ ୪ଟି ସେଟ୍‌ର ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ଏଥିରେ ପରୀକ୍ଷାର୍ଥୀମାନେ ମୋଟ ୮୦ ମାର୍କର ଉତ୍ତର ଦେବେ। ଏଥିରୁ ୫୦ ମାର୍କ ଅବ୍‌ଜେକ୍ଟିଭ୍ ପ୍ରଶ୍ନ (ମଲ୍‌ଟିପୁଲ୍ ଚଏସ୍) ଓ ୩୦ ମାର୍କ ସବ୍‌ଜେକ୍ଟିଭ୍ ପ୍ରଶ୍ନ ରହିବ। ଅବ୍‌ଜେକ୍ଟିଭର ଉତ୍ତର ପିଲାମାନେ ଓଏମ୍ଆର ଉତ୍ତରଖାତାରେ ଦେବେ। ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ୩୦ ନମ୍ବରର ସବ୍‌ଜେକ୍ଟିଭ୍ ପ୍ରଶ୍ନ ଉତ୍ତର ଛାତ୍ରଛାତ୍ରୀ ଲେଖିବେ। ଜେନେରାଲ୍ ସାଇନ୍ସ ଓ ସାମାଜିକ ବିଜ୍ଞାନର ୩୦ ମାର୍କର ସବ୍‌ଜେକ୍ଟିଭ୍ ପରୀକ୍ଷା ପାଇଁ ୪ଟି ପ୍ରଶ୍ନ ରହିବ। ତେବେ ଓଡ଼ିଆ, ଇଂଲିଶ, ଗଣିତ ଓ ତୃତୀୟ ଭାଷା ପାଇଁ ୩୦ ମାର୍କର ସବ୍‌ଜେକ୍ଟିଭ୍ ପରୀକ୍ଷାରେ ୩ଟି ପ୍ରଶ୍ନ ରହିବ। ଦଶମ ଶ୍ରେଣୀ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆ, ଜେନେରାଲ୍ ସାଇନ୍ସ ଓ ସୋସିଆଲ୍ ସାଇନ୍ସ ପାଇଁ ଅଲଗା ପ୍ରଶ୍ନପତ୍ର ରହିବ। ସେହିଭଳି ମଧ୍ୟମା ପରୀକ୍ଷାରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ସଂସ୍କୃତ ସାହିତ୍ୟମ୍, ପ୍ରୟାଗାତ୍ମକ ସଂସ୍କୃତ ଏବଂ ଓଡ଼ିଆ ପାଇଁ ୮୦ ମାର୍କର ପରୀକ୍ଷା ହେବ। ଏଥିରେ ୫୦ ମାର୍କ ମଲ୍‌ଟିପୁଲ୍ ଚଏସ୍ ଓ ୩୦ ମାର୍କ ସବ୍‌ଜେକ୍ଟିଭ ପ୍ରଶ୍ନ ରହିବ। ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନର ଉତ୍ତର ଓଏମ୍ଆର୍ ଆନ୍‌ସର ସିଟ୍‌ରେ ଦିଆଯିବ। ୩୦ ମାର୍କର ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପିଲାମାନେ ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଲେଖିବେ। ଏଥିପାଇଁ ଦୁଇ ଘଣ୍ଟାର ସମୟ ରହିବ। ଏପ୍ରିଲ୍ ୨୯ ତାରିଖରୁ ଆରମ୍ଭ ହେଉଥିବା ସମେଟିଭ-୨ ପରୀକ୍ଷା ମେ' ୭ ତାରିଖ ପର୍ଯ୍ୟନ୍ତ ନିଜ ସ୍କୁଲରେ ହିଁ କରାଯିବ। ଏହି ପରୀକ୍ଷା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ତିନୋଟି ପଦ୍ଧତିରେ ପରୀକ୍ଷା ମୂଲ୍ୟାୟନ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀଙ୍କ ସର୍ବାଧିକ ମାର୍କକୁ ଫାଇନାଲ ମାର୍କ ବୋଲି ଧରାଯିବ। ପ୍ରଥମ ଦୁଇଟି ପଦ୍ଧତି ହେଉଛି ବିକଳ୍ପ ମୂଲ୍ୟାୟନ ପଦ୍ଧତି। ତୃତୀୟଟି ପରିଷଦ ଦ୍ୱାରା ନୂତନ ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣ କରାଯାଇଛି। ଦ୍ୱିତୀୟ ପଦ୍ଧତିରେ ସମେଟିଭ ଆସେସମେଣ୍ଟ -୨ ଫଳାଫଳକୁ ଦୁଇ ଗୁଣ କରାଯିବ। ତୃତୀୟ ପଦ୍ଧତିରେ ଇଣ୍ଟରନାଲ ଆସେସମେଣ୍ଟକୁ ୨୦ ପ୍ରତିଶତ, ସମେଟିଭ ଆସେସମେଣ୍ଟ-୧ର ୩୦ ପ୍ରତିଶତ ଓ ସମେଟିଭ ଆସେସମେଣ୍ଟ-୨କୁ ୫୦ ପ୍ରତିଶତ ୱେଟେଜ ଦିଆଯାଇ ଫଳାଫଳ ନିର୍ଦ୍ଧାରଣ କରାଯିବ ବୋଲି ବୋର୍ଡ ଉପ-ସଭାପତି ନିହାର ରଞ୍ଜନ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

# ପୌର ନିର୍ବାଚନ: ୬୧ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର: ରାଜ୍ୟରେ ଅନୁଷ୍ଠିତ ପୌର ନିର୍ବାଚନରେ ୬୧ଜଣ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି ଯେ ରାଜ୍ୟର ତିନି ମହାନଗର ନିଗମ (ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର), ୪୭ଟି ମ୍ୟୁନିସିପାଲିଟି ଓ ୫୯ଟି ଏନ୍‌ଏସିରେ ପୌର ନିର୍ବାଚନରେ ୫୬୯ ଜଣ ପ୍ରାର୍ଥୀ ମେୟର/ପୋରାଧକ୍ଷ ଏବଂ ୫,୮୪୨ ଜଣ ପ୍ରାର୍ଥୀ କର୍ପୋରେଟର/କାଉନସିଲର ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏସବୁରେ ମୋଟ ୪୦ ଲକ୍ଷ ୫୫ ହଜାର ୫୩ ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ୬୧ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ମହାନଗର ନିଗମର ୩ଟି ୱାର୍ଡ଼ ଏବଂ ଅନ୍ୟ ଏନଏସି/ମ୍ୟୁନିସିପାଲିଟିର ୫୮ଟି ୱାର୍ଡ଼ରେ କର୍ପୋରେଟର/କାଉନସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି। ଅନ୍ୟପଟେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି, ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ଓ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନଏସିର ଗୋଟିଏ ଲେଖାଏ ୱାର୍ଡ଼ରେ କେହି ପ୍ରାର୍ଥୀ ହୋଇନାହାନ୍ତି। ଏସବୁ ସଂରକ୍ଷିତ ଆସନ ହୋଇଥିବାରୁ ରାଜ୍ୟ ସରକାର କାଉନସିଲର ପଦ ପାଇଁ ବ୍ୟକ୍ତିବିଶେଷଙ୍କୁ ମନୋନୀତ କରିବେ ବୋଲି ନିର୍ବାଚନ କମିଶନ ଜଣାଇଛନ୍ତି।

## ରାଷ୍ଟ୍ର କୃପାଳୁ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମୂଳ ଆର୍ଥିକ ସମସ୍ୟାର ସମାଧାନ ନକରି ମାଗଣା ଯୋଜନା ପ୍ରତିଶ୍ରୁତି ଦେଇଆସୁଛି। କେନ୍ଦ୍ରର ବିଜେପି ସରକାର ମନମୋହନ ସିଂହଙ୍କ ଆର୍ଥିକ ମଡେଲକୁ ଆଗେଇ ନେଉଛି। ଅବଶ୍ୟ ପ୍ରଧାନମନ୍ତ୍ରୀ ମୋଦୀ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚେରଙ୍କ ପରି କ୍ଷୀପ୍ର ଘରୋଇକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେଉଛନ୍ତି, ଯାହାକୁ ମନମୋହନ ସିଂହ ଦ୍ରୁତଗତିରେ ନକରି କଚ୍ଛପ ଗତିରେ କରୁଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୫ ମିଲି ଔଷଧକୁ ଗୋଟିଏ ଡୋଜ୍‌ରେ ଦେଉଥିଲା ବେଳେ ମନମୋହନ ସିଂହ ୩ଟି ଡୋଜ୍‌ରେ ଦେଉଥିଲେ, ଯେମିତି ଲୋକେ ଜାଣିପାରିବେ ନାହିଁ। ଏହି ଦୁଇ ଦଳର ଆର୍ଥିକ ସଂସ୍କାର କ୍ଷେତ୍ରରେ ଏହା ହିଁ ପାର୍ଥକ୍ୟ। ସେହି ଗୋଟିଏ ବ୍ରାଣ୍ଡର ମଦ, ବୋତଲ ବି ଗୋଟିଏ; ପାର୍ଥକ୍ୟ କେବଳ ସେବନ ମାତ୍ରାରେ।

ତେଣୁ ଦେଶର ଆର୍ଥିକ ବ୍ୟବସ୍ଥା ଏମିତି ଚାଲୁ ଓ ଦଳେ ଧନୀ ଲୋକେ ପ୍ରକୃତ ଲାଭାର୍ଥୀ ହୋଇ ଗରିବ ଓ ମଧ୍ୟବିତ୍ତ ଆର୍ଥିକ ଦୁର୍ବଳ ରୁହନ୍ତୁ ବୋଲି ସବୁଦଳ ଚାହୁଁଛନ୍ତି। ଏବେ ଅସନ୍ତୋଷକୁ ନିୟନ୍ତ୍ରଣ କରିବା ପାଇଁ ଦଳମାନେ ବିଭିନ୍ନ ମାଗଣା ବା କମ୍‌ମୂଲ୍ୟ ଯୋଜନା ଆରମ୍ଭ କରୁଛନ୍ତି। ଫଳରେ ଏହି ଦଳର ସରକାରମାନଙ୍କୁ ଲୋକେ 'କୃପାଳୁ ମହାରାଜ' ବୋଲି ଭାବିବେ ଓ ଭୋଟ୍‌ଦେବେ। କିନ୍ତୁ ଏହି ରାଜନୈତିକ 'ରାଷ୍ଟ୍ର କୃପାଳ ମହାରାଜ' ବ୍ୟବସ୍ଥାରେ ଗଣତନ୍ତ୍ର ସବଳ ହେଉଛି ନା ଦୁର୍ବଳ ହେଉଛି ତାହା ବିଚାର କରିବାର ସମୟ ଆସିଛି। ବିଭିନ୍ନ ରାଜନୈତିକ ଦଳର ଲୋକପ୍ରତିନିଧିମାନେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରାକ୍ ସ୍ୱାଧୀନତା ସମୟର ରାଜତନ୍ତ୍ର ଭିତ୍ତିକ ସାମନ୍ତବାଦୀ ବ୍ୟବସ୍ଥାକୁ ନେଉଯାଉନାହାନ୍ତି ତ ?

## ବିଓବିର କ୍ଷେତ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ




କଟକ: ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର-୨ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାନୀୟ ବକ୍ସିବଜାରସ୍ଥିତ ଚଳଚ୍ଚିତ୍ର ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ଏବଂ ଓଏଫଡିସିର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାନ୍ଦ ଗ୍ରାହକ ସେବା ଉପରେ ପ୍ରାଧାନ୍ୟ ଦେବା, ଶାଖା କାର୍ଯ୍ୟାଳୟ ଥିବା ମୁଖ୍ୟ ସହରଗୁଡ଼ିକରେ ପ୍ରଶାସନିକ କାର୍ଯ୍ୟାଳୟ ରହିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ବ୍ୟାଙ୍କର ଶାଖା ସଂଖ୍ୟା କମ୍ ଥିଲେ ମଧ୍ୟ ଏହା ବ୍ୟବସାୟିକ ଦୃଷ୍ଟିକୋଣ ତଥା ଲାଭ କ୍ଷେତ୍ରରେ ଅନ୍ୟମାନଙ୍କ ତୁଳନାରେ ବେଶ୍ ଆଗରେ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଅପରପକ୍ଷରେ ଓଏଫ୍‌ଡିସିର ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ମହିଳା ସଶକ୍ତୀକରଣକୁ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଥିବାରୁ ସେ ବ୍ୟାଙ୍କର ଭୂମିକା ଓ କାର୍ଯ୍ୟକାରିତାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପାଟଣା ଶାଖାର ଅଞ୍ଚଳ ମୁଖ୍ୟ ସଞ୍ଜୀବ ମେନନ୍ ସ୍ୱାଗତ ଭାଷଣ ଦେଇ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି)ଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ଉପରେ ଆଲୋକପାତ କରିଥିଲେ। ପରିଶେଷରେ କ୍ଷେତ୍ରୀୟ ମୁଖ୍ୟ ଅନ୍ୱୟ ମିଶ୍ର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ବ୍ୟାଙ୍କିଙ୍ଗ୍ ସାଇବର ଅପରାଧ ସମ୍ପର୍କିତ ସମ୍ମିଳନୀ



ଭୁବନେଶ୍ୱର : ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡ଼ିକ ନିମନ୍ତେ ବ୍ୟାଙ୍କିଙ୍ଗ୍ ସାଇବର ଅପରାଧ ବିଷୟବସ୍ତୁ ଉପରେ କର୍ଣ୍ଣାଟକର ମହିସୁରଠାରେ ଅଖିଳ ଭାରତୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ (ପରିଚାଳନା) ଅଜୟ କୁମାର ଖୋସଲା ଏବଂ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା କର୍ଣ୍ଣାଟକ ପୋଲିସ୍‌ର ଆର୍ଥିକ ଅପରାଧ ଶାଖା (ସିଆଇଡି)ର ପୋଲିସ୍ ଅଧିକ୍ଷକ ଏମ୍.ଡି. ଶରତଙ୍କ ଦ୍ୱାରା ଏହି ସମ୍ମିଳନୀର ଉଦ୍‌ଘାଟନ ହୋଇଥିଲା। ସମ୍ମିଳନୀର ପୃଷ୍ଠଭୂମି ଉପରେ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ଏବଂ ରାଜଭାଷା ଏବଂ ସଂସଦୀୟ ସମିତିର ମୁଖ୍ୟ ସଂଜୟ ସିଂହ ଆଲୋକପାତ କରିଥିଲେ। ସମ୍ମିଳନୀରେ ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ମହାପ୍ରବନ୍ଧକ (ପରିଚାଳନା) ଅଜୟ କୁମାର ଖୋସଲା ଅଧ୍ୟକ୍ଷତା କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସାଇବର ଅପରାଧରେ ଅଧିକ ପ୍ରଭାବିତ କ୍ଷେତ୍ରମାନଙ୍କ ମଧ୍ୟରୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଅନ୍ୟତମ। ତେଣୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଉନ୍ନତମାନର କୌଶଳ ପ୍ରୟୋଗ ଉପରେ ଦକ୍ଷତା ହାସଲ କରିବା ସହ ସାଇବର ଅପରାଧରୁ ସୁରକ୍ଷିତ ରହିବା ନିମନ୍ତେ ସଠିକ୍ ସୂଚନା ରହିବ। ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ନରେନ୍ଦ୍ର ମେହେରା, କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (କାର୍ଯ୍ୟାନ୍ୱୟନ), ଦକ୍ଷିଣ, ରାଜଭାଷା ବିଭାଗ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।

## ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର, ସମ୍ବଲପୁର: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିବେକାନନ୍ଦ ସେଣ୍ଟର ଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ଯେଉଁଥିରେ ବ୍ୟାଙ୍କର ସମସ୍ତ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ ମହିଳା କର୍ମଚାରୀମାନଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ। ଶ୍ରୀ ଭରଦ୍ୱାଜ ମହିଳାମାନଙ୍କୁ ବ୍ୟାଙ୍କିଙ୍ଗ୍ ଦାୟିତ୍ୱ ନିର୍ବାହ ବେଳେ କର୍ମମୟ ଜୀବନର ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦିନର ପ୍ରାସଙ୍ଗିକତା ବିଷୟରେ କହିଥିଲେ। ଚାନ୍ଦି ଭଣ୍ଡାରର ଅନ୍ୟତମ ପ୍ରମୋଟର ଏବଂ ରାମକ୍ରିଷ୍ଣା ଏଜେନ୍ସିର ମହାପ୍ରବନ୍ଧକ ଲିପ୍ସା




ନାୟକ ହଂସଙ୍କୁ ବ୍ୟାଙ୍କର ମହିଳା ବ୍ୟବସାୟୀ ଉଦ୍ୟୋଗୀ ଭାବରେ ସମ୍ମାନିତ କରାଯାଇଥିଲା। ବ୍ୟାଙ୍କର ମହାପ୍ରବନ୍ଧକ ମୁକ୍ତିକାନ୍ତ ରାୟ ସମସ୍ତଙ୍କୁ ସମ୍ବୋଧନ କରିଥିଲେ। ଏହା ପରେ ବ୍ୟାଙ୍କର ମହିଳା କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ବ୍ୟାଙ୍କ ପକ୍ଷରୁ କଳାରାହାଙ୍ଗସ୍ଥିତ ସରକାରୀ ବିଦ୍ୟାଳୟରେ ସାମାଜିକ ଦାୟିତ୍ୱବୋଧତା ଅଂଶବିଶେଷ କାର୍ଯ୍ୟକ୍ରମରେ ଶ୍ରୀ ଭରଦ୍ୱାଜ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପଙ୍ଖା, ସ୍କୁଲ ବ୍ୟାଗ ଏବଂ ଅନ୍ୟାନ୍ୟ ପଠନ ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବ୍ୟାଙ୍କର ମହିଳା କର୍ମଚାରୀମାନଙ୍କର ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଅରବିନ୍ଦ ପଣ୍ଡାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଶ୍ରୀ ପଣ୍ଡା କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ ମହିଳା ଦିବସର ମହତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ମହିଳା କର୍ମଚାରୀ ନିଜ ନିଜର ଅନୁଭବ ବଖାଣିଥିଲେ।




## ଏସ୍‌ବିଆଇ ପକ୍ଷରୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ



ଭୁବନେଶ୍ୱର: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନିକଟରେ ଏକ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଶାଖା ଆନୁକୂଲ୍ୟରେ ଏକ ସାଧାରଣ ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣାନ ଉପସ୍ଥିତ ରହି ଉକ୍ତ ଇ-ଯାନର ଚାବି ବିଶ୍ୱବିଦ୍ୟାଳୟର ଭିସି ସବିତା ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ମହାପ୍ରବନ୍ଧ ଏନ୍‌ଡବ୍ଲ୍ୟୁ-୧ ଅଭୟ କିଶୋର ପାଣ୍ଡେ, ଉପମହାପ୍ରବନ୍ଧକ ଜୋନ୍-୧ର ଆନନ୍ଦ ବିକ୍ରମ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, କଂଟ୍ରୋଲର (ଅର୍ଥ) ସୁରେଶ କୁମାର ସାହୁ ଏବଂ ବ୍ୟାଙ୍କର ଖୋର୍ଦ୍ଧା ଆଞ୍ଚଳିକ ପ୍ରବନ୍ଧକ ଭୂପଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଭିସି ଆଚାର୍ଯ୍ୟ ବ୍ୟାଙ୍କର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ କହିଥିଲେ, ଏହି ଯାନଟି ବିଶ୍ୱବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ତଥା ବରିଷ୍ଠ ନାଗରିକମାନଙ୍କ ବ୍ୟବହାର ପାଇଁ ଉପଯୋଗୀ ହେବ।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ମହିଳାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର : ପ୍ରତିବର୍ଷ ପରି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ତା'ର ସମସ୍ତ ସୋରୁମ୍ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବ ପାଳନ ସହିତ କଳା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମରିକ କ୍ଷେତ୍ରରେ ପ୍ରତିଭାଶାଳୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସର ନିର୍ଦ୍ଦେଶିକା ଅରୁନ୍ଧତୀ ମେହେର ସଂସ୍ଥାର ସମସ୍ତ ମହିଳା କର୍ମଚାରୀ ଏବଂ ଆମନ୍ତ୍ରିତ ବିଭିନ୍ନ ବର୍ଗର ମହିଳା ଅତିଥିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ନିଜ ସଫଳତା ପାଇଁ କରିଥିବା ତ୍ୟାଗ ଓ କଷ୍ଟକୁ ସମସ୍ତଙ୍କ ଆଗରେ କହିବା ସମୟରେ ଭାବବିହ୍ୱଳ ହୋଇପଡ଼ିଥିଲେ। ତା ସଙ୍ଗେ ସଙ୍ଗେ ଅରୁନ୍ଧତୀ ଜୁଏଲର୍ସ କେବଳ ଏକ ବ୍ୟବସାୟିକ ଅନୁଷ୍ଠାନ ନୁହେଁ ବରଂ ସାମାଜିକ କାର୍ଯ୍ୟ ସହ ପ୍ରତିଭାବାନଙ୍କୁ ବିଶ୍ୱ ଦରବାରରେ ଉତ୍ସାହିତ କରେଇବାରେ ଏକ ଉଦାହରଣ ସୃଷ୍ଟି କରିପାରିଛି କହି କୃତଜ୍ଞତା ଜଣାଇଥିଲେ। ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ମହିଳାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନଦେବା ଓ ସବୁ କ୍ଷେତ୍ରରେ ପ୍ରୋତ୍ସାହନ କରିବା ପାଇଁ ସମାଜକୁ ବାର୍ତ୍ତା ଦେଇଥିଲେ। ଭଗବାନଙ୍କ ପାଖରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଖିମ୍‌ଜୀ ଫାଉଣ୍ଡେସନର 'ୱାକ୍ ଫର ଇକ୍ୱାଲିଟି' ପଦଯାତ୍ରା




ଭୁବନେଶ୍ୱର: ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଖିମ୍‌ଜୀ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଓ ଆଇନା ସହଯୋଗରେ 'ୱାକ୍ ଫର ଇକ୍ୱାଲିଟି' ପଦଯାତ୍ରା ଆୟୋଜନ କରାଯାଇଥିଲା। ସମାଜନକୁ ପ୍ରୋତ୍ସାହିତ କରିବା ଏବଂ ହିଂସା ମୁକ୍ତ ସମାଜ ଗଠନ କରିବା ବାର୍ତ୍ତା ନେଇ ଏହି ପଦଯାତ୍ରାରେ ୧୫୦ରୁ ଅଧିକ ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ତିନି କିଲୋମିଟରର ଏହି ପଦଯାତ୍ରା ଜନତା ମଇଦାନରୁ ଆରମ୍ଭ ହୋଇ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଅତିଥି ଭାବେ ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସ ନାୟକ, ହକି ପ୍ରସାର ପରିଷଦର ଅଧ୍ୟକ୍ଷ ଦିଲ୍ଲୀପ ତିର୍କି, ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ଉତ୍କଳ ପ୍ରସଙ୍ଗର ଡକ୍ଟର ଲେନିନ ମହାନ୍ତି, ଅଭିନେତ୍ରୀ ନୈନା ଦାଶ, ସୁପ୍ରିୟା ନାୟକ, ଲିଙ୍କନ ସୁବୁଦ୍ଧି ଓ ସିଏଫ୍ ଓ ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏକ ସୁନ୍ଦର ଦେଶ ଗଠନ ଲାଗି ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦେବାକୁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟ ଅତିଥି ଆକାଶ ଦାସ ନାୟକ କହିଛନ୍ତି। ଏହି ଅବସରରେ ଫାଉଣ୍ଡେସନର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ ମହିଳାମାନେ ଈଶ୍ୱରଙ୍କ ବହୁମୂଲ୍ୟ ସୃଷ୍ଟିରୁ ଅନ୍ୟତମ। ସମାଜ ଚଳାଇବା ଲାଗି ପ୍ରତି ମହିଳାଙ୍କୁ ସମାନ ଭାବେ ସଶକ୍ତ କରିବା ଉଚିତ। ଖିମ୍‌ଜୀ ଫାଉଣ୍ଡେସନ ମହିଳା ସଶକ୍ତୀକରଣ ପାଇଁ ସର୍ବଦା ସାହାଯ୍ୟ କରୁଛି। ସମାନତାକୁ ପ୍ରୋତ୍ସାହିତ କରିବାର ଅଂଶ ହୋଇଥିବାରୁ ଆମେ କୃତଜ୍ଞ ବୋଲି ସେ କହିଛନ୍ତି।

## ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ପକ୍ଷରୁ ୪୫୨ ମହିଳା ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ



ଭୁବନେଶ୍ୱର: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ପକ୍ଷରୁ ୪୫୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଋଣ ପ୍ରଦାନ କରାଯାଇଛି। ଏ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍ ଯୋଗଦେଇ ସମାଜ ଗଠନ ଏବଂ ପ୍ରଗତିରେ ମହିଳାଙ୍କ ଭାଗିଦାରୀ ଓ ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ ଏବଂ କର୍ମକର୍ତ୍ତାଙ୍କୁ ମହିଳାମାନଙ୍କ ସହଭାଗିତାରେ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇଥିଲେ। ଏ ଅବସରରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରତ୍ୟେକ ଆଂଚଳିକ କାର୍ଯ୍ୟାଳୟ ତରଫରୁ ଋଣ ମେଳାର ଆୟୋଜନ କରାଯାଇଥିଲା। ବ୍ୟାଙ୍କ ତରଫରୁ ୪୫୨ ମହିଳା ଏସ୍‌ଏଚ୍‌ଜିଙ୍କୁ ୧୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ସମସ୍ତ ୫୪୯ ଶାଖା କାର୍ଯ୍ୟାଳୟରେ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା।

## ଜେଏସ୍‌ପିଏଲ୍ ଫାଉଣ୍ଡେସନର 'ସ୍ୱୟଂ ସମ୍ପୂର୍ଣ୍ଣା ନାରୀ' କାର୍ଯ୍ୟକ୍ରମ



ଭୁବନେଶ୍ୱର: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସିଏସ୍‌ଆର ସଂସ୍ଥା ଜେଏସ୍‌ପିଏଲ୍ ଫାଉଣ୍ଡେସନ ଓଡିଶା ଓ ଛତିଶଗଡରେ ମହିଳାମାନଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ଯୋଜନା 'ଜିନ୍ଦଲ ସ୍ୱୟଂ ସମ୍ପୂର୍ଣ୍ଣା ନାରୀ' ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ଆର୍ଥିକ ଦୁର୍ବଳ ବର୍ଗର ବାଳିକା ଏବଂ ମହିଳାମାନେ ଦକ୍ଷତା ବିକାଶ ତାଲିମ ଓ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇପାରିବେ। ଏହି ସ୍ୱତନ୍ତ୍ର ଯୋଜନାକୁ ଜେଏସପିଏଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଲୋକାର୍ପିତ କରିଛନ୍ତି। ଏହା ମହିଳାମାନଙ୍କର ରୋଜଗାର କ୍ଷମତା ବୃଦ୍ଧି କରିବା ସହିତ ସେମାନଙ୍କୁ ସଶକ୍ତ କରିବା ବୋଲି ସେ କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ୬୦ %ରୁ ଅଧିକ ନମ୍ବର ରଖିଥିବା ଆର୍ଥିକ ଦୁର୍ବଳ ବର୍ଗ ଶ୍ରେଣୀର ୧୬ ରୁ ୩୦ ବର୍ଷ ବୟସର ମହିଳା ଏବଂ ବାଳିକା ମାନେ ଦକ୍ଷତା ବିକାଶ ତାଲିମ ପାଇଁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିପାରିବେ। ସେହିଭଳି ୬୫%ରୁ ଅଧିକ ନମ୍ବର ରଖି ଯୁକ୍ତ ଦୁଇ ପାସ କରିଥିବା ମହିଳା ଏବଂ ବାଳିକାମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏବଂ ୫୫%ରୁ ଅଧିକ ନମ୍ବର ରଖି ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳା ଏବଂ ବାଳିକା ମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଆର୍ଥିକ ସହାୟତା ପାଇପାରିବେ ।

## ଓଏମ୍‌ସିକୁ ଜାତୀୟ ସୁରକ୍ଷା ପୁରସ୍କାର



ନୂଆଦିଲ୍ଲୀ : ଦିଲ୍ଲୀ ବିଜ୍ଞାନ ଭବନଠାରେ ଜାତୀୟ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ତନ୍ମଧ୍ୟରୁ ୨୦୧୮ ଓ ୨୦୨୦ ବର୍ଷର ଜାତୀୟ ସୁରକ୍ଷା ପୁରସ୍କାର ଦକ୍ଷିଣ କାଳିଆପାଣି ଓଏମ୍‌ସିକୁ ପ୍ରଦାନ କରାଯାଇଅଛି। ୨୦୧୮ ବର୍ଷର ପୁରସ୍କାର ଗ୍ରହଣ କରିବା ନିମନ୍ତେ ଓଏମ ସି ତରଫରୁ ଯାଜପୁର ଜିଲ୍ଲାର ଆଞ୍ଚଳିକ ପ୍ରବନ୍ଧକ ପ୍ରସନ୍ନ କୁମାର ସ୍ୱାଇଁ ଓ କାଳିଆପାଣି ଓଏସଆରସିକେଏମଏସର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର୍ ଯୋଗଦେଇ ପୁରସ୍କାର ଗ୍ରହଣ କରିବା ସହ ୨୦୨୦ ବର୍ଷର ପୁରସ୍କାର ଓଏମ୍‌ସି ଆଞ୍ଚଳିକ ପ୍ରବନ୍ଧକ କାଠି ପ୍ରଧାନ ଓ ଶ୍ରମିକ ନେତା ଅମିୟ ଦାସ ଗ୍ରହଣ କରିଛନ୍ତି।

## ଇଫ୍‌କୋକୁ ଜାତୀୟ ସୁରକ୍ଷା ପୁରସ୍କାର



ପାରାଦୀପ : ପାରାଦୀପ ଇଫ୍‌କୋ ୟୁନିଟ୍‌କୁ ୨୦୧୮ ମସିହା ନିମନ୍ତେ ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଇଫ୍‌କୋ ପାରାଦୀପ ୟୁନିଟ୍ ହେଡ୍ କେ.ଜେ.ପଟେଲ ଏହି ସମ୍ମାନ ଗ୍ରହଣ କରିଥିଲେ । କେନ୍ଦ୍ର ଶ୍ରମ ଓ ନିଯୁକ୍ତ ଓ ପେଟ୍ରୋଲିୟମ ଓ ନ୍ୟାଚୁରାଲ ଗ୍ୟାସ ବିଭାଗର ରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ପାରାଦୀପ ଇଫ୍‌କୋ ୟୁନିଟ୍ ବ୍ୟତିତ ଇଫ୍‌କୋର ଅନ୍ୟ ୟୁନିଟ୍‌ମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁରସ୍କୃତ ହୋଇଛନ୍ତି । ଡାଇରେକ୍ଟୋରେଟ୍ ଜେନେରାଲ ଫ୍ୟାକ୍ଟ୍ରି ଆଡଭାଇସ୍ ସର୍ଭିସ୍ ଆଣ୍ଡ ଲେବର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ରାସାୟନିକ ଓ ରାସାୟନିକ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ନିମନ୍ତେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବାରୁ ଏହି ଭଳି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି ବୋଲି ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ଜଣାଇଛନ୍ତି ।

## ଇମ୍ଫା ଖଣିକୁ ରାଷ୍ଟ୍ରପତି ପୁରସ୍କାର



ନୂଆଦିଲ୍ଲୀ: ଦୁର୍ଘଟଣା ବିହୀନ ଖଣି ପରିଚାଳନା ପାଇଁ ଇମ୍ଫା ଖଣିକୁ ରାଷ୍ଟ୍ରପତି ପୁରସ୍କାର ମିଳିଛି। ଇମ୍ଫାର ମହାଗିରି ଭୂତଳ କ୍ରୋମାଇଟ୍ ଖଣିକୁ ଖଣି ସୁରକ୍ଷାରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଦୁଇଟି ପୁରସ୍କାର ମିଳିଛି। କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିୟୋଜନତ ମନ୍ତ୍ରଣାଳୟ ଅଧୀନ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ପକ୍ଷରୁ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପ୍ରତିନିଧି ତଥା ବିଭାଗୀୟ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହି ପୁରସ୍କାର ପ୍ରଦାନ କରିଥିଲେ। ଇମ୍ଫା ମହାଗିରି କାର୍ଯ୍ୟନିର୍ବାହୀ ମୁଖ୍ୟ ସୁଧାଂଶୁ ପାଟନି ଏବଂ ବରିଷ୍ଠ ବିଦ୍ୟୁତ୍ ବିଭାଗ କର୍ମଚାରୀ ଗୌତମ ଚୌଧୁରୀ ଏବଂ ଖଣି କର୍ମଚାରୀ ରମାକାନ୍ତ ନାୟକ ପୁରସ୍କାର ଗ୍ରହଣ କରିଥିଲେ।

## ଏଲ୍‌ଆଇସି ଆଇପିଓକୁ ସେବିର ମଞ୍ଜୁରୀ

ନୂଆଦିଲ୍ଲୀ: ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଇପିଓ ପାଇଁ ପଥ ପରିଷ୍କାର ହେବା ଆରମ୍ଭ କରିଛି। ବଜାର ନିୟମାକ ସଂସ୍ଥା ସେବି ଏଲ୍‌ଆଇସିର ପ୍ରାରମ୍ଭିକ ଅଫର୍ ପାଇଁ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିଛି। ଫଳରେ ଏଲ୍‌ଆଇସି ଆଇପିଓ ଜରିଆରେ ଫଣ୍ଡ୍ ଯୋଗାଡ଼ କରିବାର ରାସ୍ତା ସଫା ହୋଇଛି। ସେବି ନିକଟରେ ଦାଖଲ କରାଯାଇଥିବା ଦସ୍ତାବିଜ୍ ଅନୁସାରେ ଏଲ୍‌ଆଇସି ୩୧ କୋଟିରୁ ଊର୍ଦ୍ଧ୍ୱ ଇକ୍ୱିଟି ଶେୟାର୍ସ ବିକ୍ରି କରିବ। ଏଲ୍‌ଆଇସି ଆଇପିଓର ୧୦% ବୀମାଧାରକଙ୍କ ପାଇଁ ସଂରକ୍ଷିତ ରହିବ। ସୂଚନାଯୋଗ୍ୟ ଯେ ଚଳିତ ଆର୍ଥିକବର୍ଷରେ ସରକାର ୭୮ ହଜାର କୋଟି ଟଙ୍କାର ବିନିବେଶ ଲକ୍ଷ୍ୟ ହାସଲ କରିବା ପାଇଁ ଏଲ୍‌ଆଇସି ଆଇପିଓ ଜରିଆରେ ୬୩ ହଜାର କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ସ୍ଥିର କରିଛନ୍ତି।







# ଅରୂପାନନ୍ଦ ଓ ବୀରେନ୍ଦ୍ରଙ୍କୁ ଓସ୍‌ଜା ପୁରସ୍କାର



ଭୁବନେଶ୍ୱର: କ୍ରୀଡ଼ାବିତ୍‌ଙ୍କ କୃତିତ୍ୱର ପ୍ରସାର କ୍ରୀଡ଼ା ବିକାଶର ସବୁଠାରୁ ବଡ଼ ଉପାଦାନ। କ୍ରୀଡ଼ାବିତ୍‌ଙ୍କ ସଠିକ୍ ପ୍ରଚାର ଓ ପ୍ରସାର କରି ସେହି ବିକାଶର କାମକୁ ଦିଗ ପ୍ରଦାନ କରିବାରେ କ୍ରୀଡ଼ା ସାମ୍ବାଦିକମାନଙ୍କର ସବୁଠାରୁ ବଡ଼ ଯୋଗଦାନ ରହିଛି। ଖେଳାଳିଙ୍କ କୃତିତ୍ୱର ସଠିକ୍ ରିପୋର୍ଟ ପ୍ରସ୍ତୁତି ମାଧ୍ୟମରେ କ୍ରୀଡ଼ା ସାମ୍ବାଦିକ ଜଣକ ଖେଳକୁ ପ୍ରସାରିତ କରିବା ଓ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ କ୍ରୀଡ଼ା ପ୍ରତି ପ୍ରେରିତ କରିବାର କାମ କରିଥାନ୍ତି ବୋଲି ସ୍ଥାନୀୟ କିମ୍ବ ଅଡିଟୋରିୟମଠାରେ ଅନୁଷ୍ଠିତ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସପ୍ତମ ବାର୍ଷିକ ଉତ୍ସବରେ ସାମିଲ ହୋଇ ଅତିଥିମାନେ ମତ ପୋଷଣ କରିଛନ୍ତି। ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଅର୍ଜୁନ ବିଜୟିନୀ ମିନତୀ ମହାପାତ୍ର ମୁଖ୍ୟ ଅତିଥି ଓ ଭାରତୀୟ ୱେଟ୍‌ଲିଫ୍‌ଟିଂ ମହାସଂଘର ସଭାପତି ସହଦେବ ଯାଦବ, ଏମଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଡ଼ିଶା ତଥା ଭାରତୀୟ ବାସ୍କେଟବଲ ଦୁନିଆର କିମ୍ବଦନ୍ତୀ ଖେଳାଳି ଓ କୋଚ୍ ଅରୂପାନନ୍ଦ ରାଉତରାୟଙ୍କୁ ଓସ୍‌ଜା ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଏବଂ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ବୀରେନ୍ଦ୍ର ଲାକ୍ରାଙ୍କୁ ଓସ୍‌ଜା ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କୁ ପୁରସ୍କାର ସ୍ୱରୂପ ସ୍ୱତନ୍ତ୍ର ଟ୍ରଫି, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ କିଟ୍-କିସ୍‌ର ପ୍ରତିଷ୍ଠାତା ତଥା ଭାରତୀୟ ଭଲିବଲ ସଂଘର ସଭାପତି ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ କ୍ରୀଡ଼ା ବିକାଶରେ ଯୋଗଦାନ ସକାଶେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଏହି ସମ୍ମାନ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଗ୍ରହଣ କରିଥିଲେ। ନିଜ ଅଭିଭାଷଣ ରଖି ଶ୍ରୀ ଯାଦବ ୱେଟ୍‌ଲିଫଟିଂର ପ୍ରସାର ପ୍ରଚାର ପାଇଁ କ୍ରୀଡ଼ା ସାମ୍ବାଦିକମାନେ ସହଯୋଗ କରିବାକୁ ନିବେଦନ କରିଥିଲେ। ଖେଳାଳିମାନେ ରାତାରାତି ସଫଳତା ମାଦକ ଦ୍ରବ୍ୟର ସେବନ ନ କରିବାକୁ ସେ ସତର୍କ କରିବା ସହ ୨୦୨୮ ଅଲିମ୍ପିକ୍ସରେ ଓଡ଼ିଶାର ଝିଲି ଦଲବେହେରା ପଦକ ପାଇବେ ବୋଲି ଆଶା କରିଥିଲେ। ଓସିଏ ସଭାପତି ଶ୍ରୀ ମହାନ୍ତି ଓ ସମ୍ପାଦକ ଶ୍ରୀ ବେହେରା କ୍ରୀଡ଼ା ସାମ୍ବାଦିକତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓସ୍‌ଜା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ସେହିପରି ମିନତୀ ମହାପାତ୍ର ତାଙ୍କ ପ୍ରାରମ୍ଭିକ ଜୀବନରେ କିପରି ଏକ ଖବରକାଗଜର ନ୍ୟୁଜ୍ ତାଙ୍କ ଖେଳ ଜୀବନ ନିର୍ଦ୍ଧାରିତ କରିଥିଲା ତାହା କହିବା ସହ କ୍ରୀଡ଼ା ସାମ୍ବାଦିକମାନେ ଓଡ଼ିଶାକୁ କ୍ରୀଡ଼ା ଶକ୍ତିରେ ପରିଣତ କରିବା ଦିଗରେ ବଡ଼ ଭୂମିକା ନିଭାଉଥିବା ପ୍ରକାଶ କରିଥିଲେ। ଓସ୍‌ଜା ସମ୍ପାଦକ ସମ୍ବିତ୍ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସ୍‌ଜାର ବରିଷ୍ଠ ସଦସ୍ୟ ସୁଶାନ୍ତ ମହାନ୍ତି ସଂଘର ଗଠନଧାରା ବାବଦରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାପତି ସନ୍ଦୀପ ମିଶ୍ର ଆଗାମୀ କାର୍ଯ୍ୟକ୍ରମ ବାବଦରେ ସମସ୍ତଙ୍କୁ ଅବଗତ କରିଥିଲେ। ଉତ୍ସବରେ ଓସ୍‌ଜାର କାର୍ଯ୍ୟକାରୀ ସଭାପତି କେ. ରବି, ସନାତନ ପାଣି, ହିମାଂଶୁ ପତି ମିଶ୍ର, ଦେବୀ ପ୍ରସନ୍ନ ମହାନ୍ତି, ସୁରେଶ ସ୍ୱାଇଁ, ତପନ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ପ୍ରତାପ ପ୍ରଧାନ, ମନୋରଞ୍ଜନ ଦାସ, ରଞ୍ଜନ ରାୟ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ମନମୋହନ ସ୍ୱାଇଁ, ସୁଜିତ ଦାସ, ମହେନ୍ଦ୍ର ସାହୁ, ତୁଷାର ସେନାପତି, ଦୀପ୍ତି ରଞ୍ଜନ ସାମଲ, ବିଜୟ ରଣା, ସନ୍ତୋଷ ମହାନ୍ତି, ବେଣୁଧର ଦାସ, ପ୍ରଫୁଲ୍ଲ କିଶୋର ସାହୁ, ରଶ୍ମିପ୍ରଭା ରଥ, ଶକ୍ତି ପ୍ରକାଶ ନନ୍ଦ, ଶୁଭଲକ୍ଷ୍ମୀ ବଳ ଯୋଗ ଦେଇଥିଲେ।

## ଏଫ୍‌ଆଇଏଚ୍ ଜୁନିୟର ମହିଳା ବିଶ୍ୱକପ୍
# ସଲିମାଙ୍କୁ ନେତୃତ୍ୱ, ଦଳରେ ଦୁଇ ଓଡ଼ିଆ

ନୂଆଦିଲ୍ଲୀ: ସାଉଥ୍ ଆଫ୍ରିକାର ପୋଚେଫ୍‌ଷ୍ଟ୍ରମ୍‌ରେ ଏପ୍ରିଲ୍ ୧ ତାରିଖରୁ ହେବାକୁ ଥିବା ଏଫ୍‌ଆଇଏଚ୍ ଜୁନିୟର୍ ମହିଳା ବିଶ୍ୱକପ୍ ପାଇଁ ମିଡ୍‌ଫିଲ୍ଡର୍ ସଲିମା ଟେଟେଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ଦଳ ଘୋଷଣା



ହୋଇଛି। ଡିଫେଣ୍ଡର ଇଶିକା ଚୌଧୁରୀଙ୍କୁ ଉପଅଧିନାୟକ ନିଯୁକ୍ତ ହୋଇଥିବା ବେଳେ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ଆଜମିନା କୁଜୁର୍ ଏବଂ ଜୀବନ୍ କିଶୋରୀ ଟପ୍ପୋଙ୍କୁ ସାମିଲ କରାଯାଇଛି। ଏହାଛଡ଼ା ଷ୍ଟାଣ୍ଡବାଇ ଦଳରେ ଅନ୍ୟତମ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀବ ଖେସ୍‌ଙ୍କୁ ସ୍ଥାନ ମିଳିଛି। ଗତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଥିବା ମହିଳା ଦଳର ସଦସ୍ୟା ମିଡ୍‌ଫିଲ୍ଡର୍ ଶର୍ମିଳା ଦେବୀ ଓ ଲାଲରେମ୍‌ସିଆମିଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଉକ୍ତ ବିଶ୍ୱକପ୍‌ରେ ପୁଲ୍-ଡି'ରେ ଜର୍ମାନୀ, ମାଲେସିଆ ଓ ୱେଲ୍ସ ସହ ସ୍ଥାନ ପାଇଥିବା ଭାରତ ଆସନ୍ତା ଏପ୍ରିଲ୍ ୨ରେ ୱେଲ୍ସ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ପରେ ଦଳ ଏପ୍ରିଲ୍ ୩ରେ ଜର୍ମାନୀ ଓ ୫ରେ ମାଲେସିଆ ବିପକ୍ଷରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ସେହିପରି ପ୍ରତିଯୋଗିତାର ସେମିଫାଇନାଲ୍ ଦୁଇଟି ଏପ୍ରିଲ୍ ୮ ଓ ୧୦ରେ ଖେଳାଯିବା ପରେ ଫାଇନାଲ୍ ମୁକାବିଲା ୧୨ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟଟି ଗତବର୍ଷ ଡିସେମ୍ବରରେ ଖେଳାଯିବାର ଥିଲେ ହେଁ କୋଭିଡ୍‌ର ନୂଆ ଭ୍ୟାରିଆଣ୍ଟ ଓମିକ୍ରନ୍‌ର ବ୍ୟାପକତା କାରଣରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା।

# କିଟ୍‌କୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର

ଭୁବନେଶ୍ୱର: କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୨ ପ୍ରଦାନ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇଠାରେ ସ୍ପୋର୍ଟଷ୍ଟାର ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ପ୍ରାକ୍ତନ କ୍ରିକେଟ ତାରକା ସୁନିଲ ଗାଭାସ୍କରଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୪ ମସିହାରୁ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। କିଟ୍ ଓ କିସ୍‌ରେ ଉନ୍ନତ ଓ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶ କରିବା ସହ ଅଲିମ୍ପିକ୍ ପାଇଁ ମଧ୍ୟ କ୍ରୀଡ଼ାବିତ୍‌ଙ୍କୁ ସାମିଲ କରିପାରିଛି। କ୍ରୀଡ଼ା କ୍ଷେତ୍ରରେ ଏଭଳି ଉଲ୍ଲେଖନୀୟ ପଦକ୍ଷେପ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ବିଚାରକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିଟ୍ ପକ୍ଷରୁ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ଅନୁପସ୍ଥିତିରେ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଓ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ନିର୍ଦ୍ଦେଶକ ଡ. ବରୁଣ ସୁତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଖୁସି ବ୍ୟକ୍ତ କରିବା ସହ ଡ. ସାମନ୍ତ ସ୍ପୋର୍ଟସଷ୍ଟାରକୁ ନିଜର କୃତଜ୍ଞତା ଜଣାଇଛନ୍ତି।




# ବଦଳିଲା ଆଇପିଏଲ ନିୟମ, ଇଂନିସ ପିଛା ମିଳିବ ୨ଟି ଡିଆରଏସ



ନୂଆଦିଲ୍ଲୀ: ୨୦୨୨ର ଆଇପିଏଲ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ବିସିସିଆଇ କିଛି ନିୟମରେ ପରିବର୍ତ୍ତନ କରିଛି। ଏବେ ପ୍ରତି ଇଂନିସରେ ଦଳଗୁଡିକୁ ଗୋଟିଏ ବଦଳରେ ଦୁଇଟି ଡିଆରଏସ ମିଳିବ। ୨୦୧୮ ଆଇପିଏଲରେ ପ୍ରଥମ ଥର ପାଇଁ ଡିଆରଏସକୁ ସାମିଲ କରାଯାଇଥିଲା। ମେରିଲବୋନ କ୍ରିକେଟ କ୍ଲବ (ଏମସିସି) ପରିବର୍ତ୍ତନ କରିଥିବା କ୍ୟାଚ୍ ନିୟମକୁ ବିସିସିଆଇ ନୂଆ ଆଇପିଏଲ ନିୟମରେ ସାମିଲ କରିଛି। ଏମସିସିର ନୂଆ ନିୟମ ଅନୁସାରେ ଯଦି କୌଣସି ବ୍ୟାଟର୍ କ୍ୟାଚ୍ ଆଉଟ୍ ହୁଅନ୍ତି ତେବେ ଷ୍ଟ୍ରାଇକ୍ ବଦଳିବ ନାହିଁ ଓ ନୂଆ ବ୍ୟାଟର୍ ହିଁ ଷ୍ଟ୍ରାଇକରେ ରହିବେ। ଯଦି କ୍ୟାଚ୍ ଓଭରର ଶେଷ ବଲରେ ହୁଏ ତେବେ ଷ୍ଟ୍ରାଇକ୍ ବଦଳିବ। ବିସିସିଆଇର ଜଣେ ଅଧିକାରୀଙ୍କ ଅନୁସାରେ, ଯଦି କରୋନା କାରଣରୁ ମ୍ୟାଚ ପାଇଁ କୌଣସି ଦଳ ୧୧ ଜଣ ଖେଳାଳି (ପ୍ଲେଇଙ୍ଗ୍ ଇଲେଭେନ୍) ପ୍ରସ୍ତୁତ କରି ନପାରନ୍ତି ତେବେ ବିସିସିଆଇ ଆଇପିଏଲ ଚାଲିଥିବା ସମୟରେ ମ୍ୟାଚକୁ ପୁନର୍ବାର ଆୟୋଜନ କରିବାକୁ ଚେଷ୍ଟା କରିବ। ଯଦି ଏହା ବି ସମ୍ଭବ ହୋଇ ନପାରେ ତେବେ ଏହି ମାମଲାକୁ ଆଇପିଏଲର ଟେକ୍ନିକାଲ୍ ଦଳ ପାଖକୁ ପଠାଯିବ। ଆଇପିଏଲ ଟେକ୍ନିକାଲ୍ ଦଳର ନିଷ୍ପତ୍ତି ହିଁ ଚୂଡାନ୍ତ ମନାଯିବ। ପୂର୍ବରୁ ଆଇପିଏଲ ନିୟମ ଥିଲା, ଯଦି ମ୍ୟାଚକୁ ପୁନର୍ବାର ନିର୍ଦ୍ଧାରଣ କରିବା ପରେ ବି ମ୍ୟାଚ ସଂପୂର୍ଣ୍ଣ ନ ହୁଏ ତେବେ ପଛରେ ରହିଥିବା ଦଳ ହାରିଛି ବୋଲି ଗ୍ରହଣ କରାଯାଇ ଅନ୍ୟ ଦଳକୁ ୨ ପଏଣ୍ଟ ଦିଆଯିବ।



# ପୂଜାଙ୍କ ଆଶା

ସାଉଥ୍ ସୁପରଷ୍ଟାର୍ ତଥା 'ବାହୁବଳି' ଫେମ୍ ପ୍ରଭାସଙ୍କ ସହିତ 'ରାଧେଶ୍ୟାମ'ରେ ଦେଖିବାକୁ ମିଳିବେ ପୂଜା ହେଗ୍‌ଡେ। ଏହି ଫିଲ୍ମରୁ ଢେର୍ ଆଶା ରଖିଛନ୍ତି ପୂଜା। ପୂଜାଙ୍କ କହିବାନୁସାରେ, ପ୍ରଭାସଙ୍କ କ୍ରେଜ୍ ଖୁବ୍ ଶୀର୍ଷରେ ଅଛି। କେବଳ ଦକ୍ଷିଣ ଭାରତ କାହିଁକି ସାରା ଭାରତରେ ତାଙ୍କର ଅନେକ ପ୍ରଶଂସକ ଅଛନ୍ତି। ପୁଣି ଫିଲ୍ମର ଗୀତ 'ଆଶିକି ଆଗୟି'କୁ ଖୁବ୍ ପସନ୍ଦ କରିଛନ୍ତି ଶ୍ରୋତା-ଦର୍ଶକ। ନିକଟରେ ଏ ଫିଲ୍ମର ନୂଆ ଟ୍ରେଲର୍ ମଧ୍ୟ ରିଲିଜ୍ ହୋଇଛି। ଚଳିତ ବର୍ଷର ଚର୍ଚ୍ଚିତ ଫିଲ୍ମଗୁଡ଼ିକ ମଧ୍ୟରେ ଶୀର୍ଷରେ ରହିଛି 'ରାଧେଶ୍ୟାମ'। ମାର୍ଚ୍ଚ ୧୧ ତାରିଖରେ ଏହି ଫିଲ୍ମଟି ରିଲିଜ୍ ହୋଇଛି। ଫିଲ୍ମର କାହାଣୀ ମୁଖ୍ୟତଃ ରୋମାଣ୍ଟିକ୍ ଡ୍ରାମା। ଅନେକ କାରଣରୁ ଏହି ଫିଲ୍ମକୁ ନେଇ ଆରମ୍ଭରୁ ଚର୍ଚ୍ଚା ଆଲୋଚନା ଲାଗି ରହିଛି। ପୁଣି ପ୍ରଭାସଙ୍କ ସହ ପୂଜାଙ୍କ ଅନ୍‌ସ୍କ୍ରିନ୍ କେମିଷ୍ଟ୍ରି ମଧ୍ୟ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଛି। ତେଣୁ ଫିଲ୍ମ ଭଲ କଲେକ୍‌ସନ କରିବ ବୋଲି ଆଶା କରିଛନ୍ତି ପ୍ରଯୋଜନା କର୍ତ୍ତୃପକ୍ଷ।



# ସ୍ୱରାଜ, ଶିବାନୀଙ୍କ 'କିସ୍‌ମିସ୍'

ଅପ୍‌କମିଂ ଫିଲ୍ମ 'କିସ୍‌ମିସ୍'ରେ ଦେଖିବାକୁ ମିଳିବେ ସ୍ୱରାଜ ଓ ଶିବାନୀ ସଂଗୀତା। ଝିଲିକ୍ ମୋସନ୍ ପିକ୍‌ଚର୍ସ ପକ୍ଷରୁ ନିର୍ମାଣାଧୀନ ଏହି ଚଳଚ୍ଚିତ୍ରର ଶୁଭ ମହୁରତ ସମ୍ପନ୍ନ ହୋଇଛି ନିକଟରେ। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସୁଶାନ୍ତ ମଣି। ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି ଅଭିଜିତ ମଜୁମଦାର ଓ ସଂଳାପ ଲେଖିଛନ୍ତି ସଞ୍ଜିତ ରଥ। କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ସ୍ୱରାଜ ଓ ଶିବାନୀଙ୍କ ବ୍ୟତୀତ ଏଥିରେ ପ୍ରୀତିରାଜ, ନିତୁ ସିଂ, ଟୁଟୁ ନାୟକ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ ଅଭିନୟ କରିଛନ୍ତି। ପ୍ରେମ କାହାଣୀକୁ ଅଧାର କରି ଏହି ଚଳଚ୍ଚିତ୍ରର କଥାବସ୍ତୁ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, 'କିସ୍‌ମିସ୍' ଝିଲିକ୍ ମୋସନ୍ ପିକ୍‌ଚର୍ସ ପ୍ରଯୋଜନା ସଂସ୍ଥାର ଦ୍ୱିତୀୟ ଚଳଚ୍ଚିତ୍ର।

# ଲିଜାଙ୍କ ମନଛୁଆଁ ଅଭିନୟ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦୃଷ୍ଟିକୋଣ'ରେ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି ନୂଆ ନାୟିକା ଲିଜା। ଲିଜା ଏହି ଫିଲ୍ମ ଜରିଆରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ପ୍ରବେଶ କରିଛନ୍ତି। ସିନେମାର ସମସ୍ତ କାର୍ଯ୍ୟ ଏହାରି ମଧ୍ୟରେ ଶେଷ ହୋଇଗଲାଣି। କେବଳ ରିଲିଜ୍‌କୁ ଅପେକ୍ଷା। ତେବେ ଏଥିରେ ଲିଜାଙ୍କ ବଳିଷ୍ଠ ଅଭିନୟକୁ ନେଇ ସବୁଠି ଚର୍ଚ୍ଚା। ଫିଲ୍ମରେ ତାଙ୍କର ଲୁକ୍, ଅଭିନୟ ଶୈଳୀ ଚମତ୍କାର ହୋଇଛି ବୋଲି ପ୍ରକାଶ କରିଛନ୍ତି ସୁଟିଂ ୟୁନିଟ୍ ସଦସ୍ୟ। କ୍ୟାମେରା ସାମ୍ନାରେ ତାଙ୍କ ଅଭିନୟ ଦେଖି ସମସ୍ତେ ଅନୁଭବ କରିଥିଲେ ସତେ ଯେମିତି ଲିଜା ଅଭିନୟ ଦୁନିଆରେ ଆଦୌ ନୂଆ ନୁହନ୍ତି। ଅବଶ୍ୟ ଅଭିନୟ ଦୁନିଆରେ ଲିଜା ସତକୁ ସତ ନୂଆ ନୁହନ୍ତି।

# ଶ୍ରଦ୍ଧାଙ୍କ ଅପ୍‌କମିଂ ଫିଲ୍ମ



ବଲିଉଡ୍ ଆକ୍ଟ୍ରେସ୍ ଶ୍ରଦ୍ଧା କପୁରଙ୍କ ଅପ୍‌କମିଂ ଫିଲ୍ମକୁ ନେଇ ଢେର୍ ଚର୍ଚ୍ଚା ଚାଲିଛି। ତେବେ ଉଲ୍ଲେଖନୀୟ ବିଷୟଟି ହେଉଛି ଶ୍ରଦ୍ଧାଙ୍କ ଏହି ନୂଆ ଫିଲ୍ମକୁ ନେଇ ଏତେ ଚର୍ଚ୍ଚା ଚାଲିଥିଲେ ହେଁ ଏଯାଏଁ ଫିଲ୍ମର ନାମକରଣ ହୋଇନାହିଁ। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଶ୍ରଦ୍ଧାଙ୍କ ବିପକ୍ଷରେ ନାୟକ ଭାବେ ନଜର ଆସିବେ ରଣବୀର କପୁର। ୨୦୨୩ ମାର୍ଚ୍ଚ ୮ରେ ଏ ଚଳଚ୍ଚିତ୍ରଟି ଆସିବ ସିନେମାଘରକୁ। ସୋସିଆଲ୍ ମିଡିଆରେ ଏ ସମ୍ବନ୍ଧରେ ସୂଚନା ଦେଇଛନ୍ତି ଫିଲ୍ମର ନିର୍ମାତା। ସେୟାର କରାଯାଇଥିବା ଏହି ପୋଷ୍ଟରେ ଉଲ୍ଲେଖ ରହିଛି ଯେ, ଆସନ୍ତା ବର୍ଷ ହୋଲି ଅର୍ଥାତ୍ ୨୦୦୩ ମାର୍ଚ୍ଚ ୮ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ। ଲଭ ରଞ୍ଜନ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ରଣବୀର, ଶ୍ରଦ୍ଧାଙ୍କ ବ୍ୟତୀତ ଡିମ୍ପଲ୍ କପାଡ଼ିଆ ଓ ବୋନି କପୁର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ନିର୍ବାହ କରିବେ ଏଥିରେ।

# ଲଭ୍ ୟୁ ଲଭ୍‌ଲି

ଦଶମ ଶ୍ରେଣୀର ଛାତ୍ର ଦିଲୁ। ଘଟଣାକ୍ରମେ ସେ ଭେଟୁଛି ନୂଆ ପଡ଼ୋଶିନୀଙ୍କୁ। ଏଇ ସୁନ୍ଦରୀ ପଡ଼ୋଶିନୀଙ୍କ ନାଁ ଲଭ୍‌ଲି। ଲଭ୍‌ଲି ଚାହେଁ ତା' ସୌନ୍ଦର୍ଯ୍ୟରେ ସେ ଦିଲୁକୁ ମୋହିତ କରିବ। ଏଣେ ଲଭ୍‌ଲିକୁ ପାଇବାକୁ ଦିନରେ ସ୍ୱପ୍ନ ଦେଖୁଛି ଦିଲୁ। ଏଇ କଥା ମନରେ ରଖି ସେ ଲଭ୍‌ଲି ସହ କଥାବାର୍ତ୍ତା ଆଗକୁ ବଢ଼ାଉଛି। ଧୀରେଧୀରେ ଦିଲୁ ଲଭ୍‌ଲିର ନିକଟତର ହେଉଛି ଏବଂ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ିଉଠୁଛି। ହେଲେ ସମ୍ପର୍କ ଆଗକୁ ବଢୁନାହିଁ। ଲଭ୍‌ଲି ଆଉ ଜଣକୁ ବିବାହ କରୁଛି। ଏଥିରେ ଭାଙ୍ଗିପଡୁଛି ଦିଲୁ। କାହାଣୀ ଭିନ୍ନ ମୋଡ଼ ନେଇ ବଢୁଛି ଆଗକୁ। ଫିଲ୍ମର ପ୍ରଯୋଜନା କରିଛନ୍ତି ସନ୍ଦୀପ ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ ପଟେଲ। ଲଭ୍‌ଲି ଚରିତ୍ରରେ ଅଭିନୟ କରିଛନ୍ତି ମୁମ୍ବାଇରେ ରହୁଥିବା ଓଡ଼ିଆ ଝିଅ ସ୍ମିତିକା ଆଚାର୍ଯ୍ୟ। ଦିଲୁ ଚରିତ୍ରରେ ଦେଖିବାକୁ ମିଳିବେ ଲୋହିତାକ୍ଷ ପଟ୍ଟନାୟକ। ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ରିଲିଜ୍ ହୋଇ ବେଶ୍ ଆଦୃତିଲାଭ କରିଛି 'ଲଭ୍ ୟୁ ଲଭ୍‌ଲି'।




Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com
ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty